

# କଟକ ସିଟି

# ଏକ ୟୁନିଟ ରକ୍ତ, ଦୁଇ ହଜାର ଟଙ୍କା

## ରକ୍ତଭଣ୍ଡାରରୁ ଧରାପଡ଼ିଲେ ୪ ଦଲାଲ
## ଏସ୍‌ସିବିରେ ରୋଗୀ ସମ୍ପର୍କୀୟଙ୍କୁ ଠକିବାକୁ ଉଦ୍ୟମ
## ମୂଳଚାଲ ବେଳେ କାବୁକଲା ଫାଣ୍ଡି ପୁଲିସ

କଟକ,୨୩।୪(ସମିସ)

ଦଲାଲଙ୍କ ଦୌରାତ୍ମ୍ୟ କମୁନି। ନିୟମିତ ଚଢ଼ଉ ସତ୍ତ୍ୱେବଡ ମେଡିକାଲରେ ଦଲାଲ ସକ୍ରିୟ ରହିଛନ୍ତି। ରୋଗୀ ସମ୍ପର୍କୀୟଙ୍କୁ ରକ୍ତ ୟୁନିଟ ଯୋଗାଇ ଦେବାକୁ କହି ଠକିବାକୁ ଉଦ୍ୟମ କରୁଥିବା ବେଳେ ୪ଜଣଙ୍କୁ ମଙ୍ଗଳାବାଗ ଥାନା ପୁଲିସ ମଙ୍ଗଳବାର ଗିରଫ କରାଯାଇଛି। ଗିରଫ ୪ ଅଭିଯୁକ୍ତ ହେଲେ, ବିଡାନାସୀ ନୂଆସାହିର ନିଖିଳ ସେନାପତି(୨୦), ଆଠଗଡ କରିକମଳର ଲକି ଓରଫ ନେତାଜୀ ଦାସ(୪୨), ଢେଙ୍କାନାଳ ଟାଉନ ଥାନା କାଠଗଡା ଅଞ୍ଚଳର ସୁଜିତ କୁମାର ପଣ୍ଡା(୩୭) ଓ ରାଣୀହାଟ ଗୋପାଳ ସାହିର ଅଜୟ ମହାପାତ୍ର(୨୯)। କେସ୍ ନଂ-୧୧୯, ଆଇପିସି ଧାରା ୪୧୯, ୪୨୦, ୩୮୫, ୩୪ ଅନୁଯାୟୀ ଗିରଫ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।

ଦଲାଲଙ୍କ ଉପରେ ନଜର ରଖିବାକୁ ଏସ୍‌ସିବି ମେଡିକାଲ ପକ୍ଷରୁ ଏକ ଅନ୍ତରୀଣ କମିଟି ଗଠନ ହୋଇଛି। ଏପରିକି କମିଶନରେଟ ପୁଲିସ ମଧ୍ୟ ନିୟମିତ ଭାବେ ମେଡିକାଲ ଓ ଏହାର ଆଖପାଖ ଅଞ୍ଚଳରେ ପାଟ୍ରୋଲିଂ ଚଳାଇଛି। ତଥାପି ଚତୁରତାର ସହ ମେଡିକାଲ ଭିତରେ ଦଲାଲ ସକ୍ରିୟ ରହିଛନ୍ତି। ପୁଲିସର ସୂଚନା ମୁତାବକ, ଏସସିବି ମେଡିକାଲରେ ଚିକିତ୍ସାଧୀନ ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ରକ୍ତ ଆବଶ୍ୟକ ଥିବା ନେଇ ଡାକ୍ତର କହିଥିଲେ। ଏଥି ପାଇଁ ରୋଗୀଙ୍କ ସମ୍ପର୍କୀୟ ମେଡିକାଲ ପରିସରସ୍ଥ କେନ୍ଦ୍ରୀୟ ରକ୍ତ ଭଣ୍ଡାରକୁ ଯାଇଥିଲେ। ସେଠାରେ ଦୁଇ ଜଣ ଯୁବକ ତାଙ୍କୁ ଭେଟି ରକ୍ତ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏକ ୟୁନିଟ ରକ୍ତ ପିଛା ୨ହଜାର ଟଙ୍କା ଦେବାକୁ ପଡିବ ବୋଲି ଜଣାଇଥିଲେ। ରୋଗୀ ସମ୍ପର୍କୀୟ ମଧ୍ୟ ସେମାନଙ୍କ କଥାରେ ରାଜି ହୋଇଥିଲେ।



ରୋଗୀ ସମ୍ପର୍କୀୟଙ୍କ ବିଶ୍ୱାସ ଜିତିବା ପାଇଁ ସେମାନେ ଆଉ ଦୁଇ ଜଣଙ୍କୁ ସେଠାକୁ ଡକାଇ ରକ୍ତଦାତା ଭାବେ ପରିଚୟ କରାଇଥିଲେ। ଜରୁରୀ ପରିସ୍ଥିତିରେ ସମ୍ପର୍କୀୟ ଜଣକ ସେମାନଙ୍କ ସମସ୍ତ ସର୍ତ୍ତରେ ରାଜି ହୋଇଥିଲେ। ମୂଳଚାଲ ପରେ ଟଙ୍କା ଦେଣନେଣ ସମୟରେ ହିଁ ମେଡିକାଲ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ୪ଜଣଙ୍କୁ କାବୁ କରିଥିଲା। ପଚରାଉଚରା ବେଳେ ସେମାନେ ରକ୍ତ ଯୋଗାଇ ଦେବା ଆଳରେ ଦଲାଲି କରୁଥିବା ସ୍ୱୀକାର କରିଥିଲେ। ଏହି ଗୋଷ୍ଠୀ ଗତ କିଛି ଦିନ ହେବ ଏସସିବି ମେଡିକାଲରେ ସକ୍ରିୟ ହୋଇଛି। ସେମାନେ ଦୂରଦୂରାନ୍ତରୁ ଆସୁଥିବା ଗୁରୁତର ରୋଗୀଙ୍କୁ ଟାର୍ଗେଟ କରୁଥିଲେ। ୟୁନିଟ ପିଛା ୧୫ ଶହରୁ ୨ ହଜାର ଟଙ୍କାରେ ରକ୍ତ ଯୋଗାଇଦେବାକୁ କହୁଥିଲେ। ମାତ୍ର ଟଙ୍କା ପାଇଗଲା ପରେ ଆଉ ଧରାଛୁଆଁ ଦେଉନଥିଲେ। ଏହିଭଳି ଭାବେ ସେମାନେ ଅନେକ ରୋଗୀ ସମ୍ପର୍କୀୟଙ୍କୁ ଲୁଟିଥିବା ତଦନ୍ତରୁ ଜଣାପଡିଛି। ଗତ ମାସରେ ମେଡିକାଲ ପରିସରରୁ ୧୦ରୁ ଅଧିକ ଦଲାଲଙ୍କୁ ପୁଲିସ ଗିରଫ କରିଥିଲା। ବଡ ମେଡିକାଲ, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନର କାଜୁଆଲିଟିରେ ଦଲାଲ ମାନେ ଜଗି ରହୁଛନ୍ତି। ଘରୋଇ ହସ୍ପିଟାଲରେ ଉନ୍ନତ ଚିକିତ୍ସା ଯୋଗାଇ ଦେବାକୁ କହି ଅନେକ ରୋଗୀଙ୍କୁ ଠକୁଛନ୍ତି। ସେହିପରି ରକ୍ତ ଦେବା ନାଁରେ ମଧ୍ୟ ଏମାନେ ଦଲାଲି ଚଳାଇଛନ୍ତି।

# ଗ୍ରୁପ ଡି ମେଡିକାଲ କର୍ମଚାରୀଙ୍କ ସମସ୍ୟା ନେଇ ଆଲୋଚନା



କଟକ,୨୩।୪(ସମିସ): କଟକ ଜିଲ୍ଲା ଗ୍ରୁପ ଡି ମେଡିକାଲ କର୍ମଚାରୀ ସଂଘର ଏକ ଜରୁରୀ ବୈଠକ କଟକ ସିଟି ହସ୍ପିଟାଲ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଟକ ଜିଲ୍ଲା ଅଧୀନରେ ଥିବା ୩୬ଟି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଗ୍ରୁପ ଡି କର୍ମଚାରୀମାନେ ଯୋଗଦେଇଥିଲେ। ବୈଠକରେ କର୍ମଚାରୀଙ୍କ ବିଭିନ୍ନ ପ୍ରକାରର ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଦୀର୍ଘଦିନ ଧରି ମେଡିକାଲରେ କାର୍ଯ୍ୟରତ ଗ୍ରୁପ୍ ଡି କର୍ମଚାରୀଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପ୍ରଦର୍ଶନ କରିଆସୁଛନ୍ତି। ଏଣୁ ଆଗାମୀ ଦିନରେ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହି ବୈଠକରେ ଓଡ଼ିଶା ମେଡିକାଲ ଗ୍ରୁପ୍ ଡି କର୍ମଚାରୀ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତ, ସାଧାରଣ ସମ୍ପାଦକ ପ୍ରସନ୍ନ ସାମଲ ଓ କଟକ ଜିଲ୍ଲା ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଗୋଚ୍ଛାୟତ, ଉପଦେଷ୍ଟା ନବଘନ ପରିଡ଼ା, ପୂର୍ବତନ କୋଷାଧ୍ୟକ୍ଷ ରାମଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ସାଂଗଠନିକ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ସଦର ମହକୁମା ହସ୍ପିଟାଲ ଜୋନ୍ ସମ୍ପାଦକ ଜଳଧର ମହାନ୍ତି, ବିନ୍ଧାଣିମା ଜୋନ୍ ସମ୍ପାଦକ ମହାଦେବ ବାରିକ, କଳାପଥର ଜୋନ୍ ସମୀର ବେହେରା, ନିଆଳି ଜୋନ୍ ଦିଲ୍ଲୀପ ମହାନ୍ତି, ଟାଙ୍ଗୀ ଜୋନ୍ ସୁରେନ୍ଦ୍ର କାହାଳୀ, ମହିଧରପଡା ଜୋନ୍ ସମ୍ପାଦକ କାଳନ୍ଦୀ ମହାନ୍ତି, ମାହାଙ୍ଗା ଜୋନ୍ ଦେବଦତ୍ତ ମିଶ୍ର, ନରସିଂହପୁର ଜୋନ୍ ବିଭୂତି ଭୂଷଣ ବେହେରା, କଖଡି ଜୋନ୍ ଉଦୟନାଥ ଜେନା, ବାଙ୍କୀ ଜୋନ୍ ମାନସ ନାୟକ ଓ ମୁନା ରାଉତ ପ୍ରମୁଖ ଯୋଗଦେଇଥିଲେ।

# ଉଠିଲା ନିଲମ୍ବନ; ବିଜେଡିରେ ମିଶିଲେ କୃଷ୍ଣ



**କଟକ,୨୩।୪(ସମିସ):** ନବେ ଦଶକର ଛାତ୍ରନେତା ଓ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ପ୍ରତିଷ୍ଠିତ ଆଇନଜୀବୀ କୃଷ୍ଣ ମଲ୍ଲିକଙ୍କ ଉପରେ ରହିଥିବା ନିଲମ୍ବନକୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପ୍ରତ୍ୟାହାର କରି ନେଇଛନ୍ତି। ନିଲମ୍ବନ ପ୍ରତ୍ୟାହାର ପରେ ସେ ବିଜେପି ଦଳ ପରିତ୍ୟାଗ କରି ବିଜେଡିରେ ଯୋଗ ଦେଇଛନ୍ତି। ରାଜ୍ୟ ଆଇନଜୀବୀ ସାମ୍ମୁଖ୍ୟର ଆୟୋଜିତ କାର୍ଯ୍ୟକ୍ରମର କଟକ ଲୋକସଭା ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା, ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଉପସ୍ଥିତିରେ ସେ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ। ଶ୍ରୀ ମଲ୍ଲିକ ୧୯୯୧ ମସିହାରେ ମଧୁସୂଦନ ଲ କଲେଜ୍ ର ସମ୍ପାଦକ,୧୯୯୨ ରେ ଛାତ୍ର ସଂସଦ ସଭାପତି ଭାବରେ ନିର୍ବାଚିତ ହୋଇଥିଲେ। ଛାତ୍ର ନେତା ସୃଷ୍ଟି କରିବାରେ ମାହିର ଶ୍ରୀ ମଲ୍ଲିକ ପରବର୍ତ୍ତୀ ଅବସ୍ଥାରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଜର ଦାୟିତ୍ୱ ତୁଲାଇଥିଲେ। ବଜେଡିର କଟକ ଜିଲ୍ଲା ଉପସଭାପତି ଦାୟିତ୍ୱରେ ଥିବା ବେଳେ ତାଙ୍କୁ ୨୦୧୯ ରେ ନିଲମ୍ବନ କରଯାଇଥିଲା। ପରେ ସେ ବିଜେପିରେ ଯୋଗ ଦେଇଥିଲେ। ନିଲମ୍ବନ ପ୍ରତ୍ୟାହାର ପରେ ସେ ୱିଣ୍ଡସର ପ୍ଲେସ ଠାରେ ଆୟୋଜିତ ରାଜ୍ୟ ଆଇନଜୀବୀ ସାମୁଖ୍ୟ ସମ୍ମିଳନୀରେ ବିଜେଡି ଦଳରେ ସାମିଲ ହେଇଛନ୍ତି। ତାଙ୍କର ଏହି ମିଶ୍ରଣ ଦଳର ସଂଗଠନକୁ ବ୍ୟାପକ କରିବ ବୋଲି ବହୁ ଯୁବ, ଛାତ୍ର, ଆଇନଜୀବୀ କହିଛନ୍ତି।

# 'ପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି ହେଉ'

● ବିଶ୍ୱ ପୁସ୍ତକ ଦିବସ ପାଳିତ

**କଟକ,୨୩।୪(ସମିସ):** ଆଜି ସଂଧ୍ୟାରେ 'ପୁଣ୍ୟଭୂମି' ପକ୍ଷରୁ ବିଶ୍ୱ ପୁସ୍ତକ ଦିବସ କଟକ ଶତାବ୍ଦୀ ବିହାରସ୍ଥିତ ନଳିନୀ ଭବନଠାରେ ପାଳିତ ହୋଇଯାଇଛି। ପୁଣ୍ୟଭୂମିର ସଂପାଦକ ନାଟ୍ୟକାର ସଂଜିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କବି ନୃସିଂହ ଚରଣ ଜେନା, ପ୍ରକାଶକ ଅଜିତ୍ କୁମାର ମହାପାତ୍ର, ଅଧ୍ୟାପକ ଗୋପୀନାଥ ପଣ୍ଡା, କବି ଦୀନବନ୍ଧୁ ସାହୁ, ପ୍ରତାପ କୁମାର ସାହୁ, ମନୋଜ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁସ୍ତକ ପ୍ରତି ଆଦର ସୃଷ୍ଟି କରିବା ପାଇଁ ସମସ୍ତେ ପ୍ରୟାସ କରିବା ଉଚିତ। ପଠନ, ପ୍ରକାଶନ ଓ କପିରାଇଟ୍‌କୁ ପ୍ରୋତ୍ସାହନ ଦେବା ପାଇଁ ୟୁନେସ୍କୋ ଦ୍ୱାରା ବିଶ୍ୱସ୍ତରରେ ଆଜିର ଏହି ଦିବସ ପାଳନ କରାଯାଏ ବୋଲି କହିଥିଲେ। ଉତ୍ସବର ସଭାପତି ଶ୍ରୀ ପଟ୍ଟନାୟକ ତାଙ୍କ ଅଭିଭାଷଣରେ ଆଧୁନିକ ଦୁନିଆରେ ଲୋକମାନଙ୍କୁ ପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ଜନ୍ମଦିନ, ବିବାହ ଉତ୍ସବରେ ପୁସ୍ତକ ଉପହାର ଦେବା ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ଆଇନଜୀବୀ ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମେ ୧୦ରୁ ଚୈତାଳୀ ମହୋତ୍ସବ

କଟକ,୨୩।୪(ସମିସ): ଆସନ୍ତା ମେ ୧୦ରୁ ନାହାଳପୁରରେ ଚୈତାଳୀ ମହୋତ୍ସବ ଆୟୋଜନ କରାଯିବ। ବିଶ୍ୱନାଥ ଯୁବ ପରିଷଦ ଆନୁକୂଲ୍ୟରେ ହେବାକୁ ଥିବା ଏହି ମହୋତ୍ସବ ୩ ଦିନ ଧରି ଚାଲିବ। ମହୋତ୍ସବର ଏହା ହେଉଛି ୩ୟ ସଂସ୍କରଣ। ଚଳିତବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ପରିଷଦର ସାଙ୍ଗଠନିକ ସମ୍ପାଦକ ସନ୍ତୋଷ କୁମାର ନାୟକ, ସାଂସ୍କୃତିକ ସମ୍ପାଦକ ରାଜେନ୍ଦ୍ର ବଲ୍ଲଭ ବେହେରା, ସହ ସାଂସ୍କୃତିକ ସମ୍ପାଦକ ପ୍ରଦୀପ୍ତ କୁମାର ବେହେରା, ସଭାପତି ସୁବୋଧ ପରିଡା, ସମ୍ପାଦକ ଜୟନ୍ତ କୁମାର ନାୟକ, ଉପସଭାପତି ବିଭୂତିଭୂଷଣ ନାୟକ, ସହ ସମ୍ପାଦକ ନରେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଜିତେନ୍ଦ୍ର ସାହୁ ପ୍ରେସବିବୃତ୍ତି ମାଧ୍ୟମରେ ଏହା ସୂଚନା ଦେଇଛନ୍ତି।

# ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

**କଟକ,୨୩।୪(ସମିସ):** ମହାନଦୀ ବିହାର ନିକଟସ୍ଥ ଅନନ୍ତ ବିହାରଠାରେ ପୌର୍ଣ୍ଣମାସୀ ପାଠାଗାର ଓ ଅନନ୍ତ ବିହାର ପରିଚାଳନା କମିଟି ଆନୁକୂଲ୍ୟରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ସମସ୍ତଙ୍କର ମଧୁମେହ ରକ୍ତ ପରୀକ୍ଷା କରାଯାଇଥିଲା। ଏହି ଶିବିରରେ ଡ଼ା.ରମାକାନ୍ତ ରାଉତ,ଡା. ଧ୍ରୁବପ୍ରସାଦ,ଡ଼ା.ସୁଶୀଳା ପଣ୍ଡା ଓ ଡ. ମିତାଞ୍ଜଳି ବେହେରାଙ୍କ ଦ୍ୱାରା ଶତାଧିକ ରୋଗୀଙ୍କୁ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ପୂର୍ବତନ ବିଧାୟକ ପ୍ରଭାତ ରଂଜନ ବିଶ୍ୱାଳ ରୋଗୀମାନଙ୍କୁ ଗ୍ରୀଷ୍ମ ପ୍ରବାହରୁ ନିଜକୁ ରକ୍ଷାକରିବା ପାଇଁ ପରାମର୍ଶ ଦେଇଥିଲେ। ସାରଦା ଦେବୀ ନର୍ସିଂ ଇନ୍‌ଷ୍ଟିଚୁଟର ଛାତ୍ରଛାତ୍ରୀ ତଥା ଅନନ୍ତ ବିହାରର ସୁଧୀର ସାମନ୍ତରାୟ, ପ୍ରଦୀପ ମହାପାତ୍ର ପୂର୍ଣ୍ଣଚନ୍ଦ୍ର ରାଉତ, ଆଡ଼ଭୋକେଟ ମହେଶ୍ୱର ସାହୁ , ପୁରୁଷୋତ୍ତମ ସାହୁ ନଟବର ଘଡ଼େଇ, ସନ୍ତୋଷ ରଥ, ନଟବର ସ୍ୱାଇଁ,ଅଶୋକ ବିଶ୍ୱାଳ, ବେଲେଶ୍ୱ ର ସେଠୀ ଓ ବଂଶୀଧର ସାହୁ ପ୍ରମୁଖଙ୍କ ଦ୍ୱାରା ଶିବିର ପରିଚାଳନା କରାଯାଇଥିଲା।

# ବିଶ୍ୱ ଧରିତ୍ରୀ ଦିବସ ପାଳିତ

କଟକ,୨୩।୪(ସମିସ)



ନେହେରୁ ନୋଡାଲ୍ ଉଚ୍ଚ ବିଦ୍ୟାପୀଠରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ରୋଟାରୀ କ୍ଲବ୍ ଅଫ୍ କଟକ ମିଡ୍‌ଟାଉନ୍ ଏବଂ ନେହେରୁ ନୋଡାଲ୍ ଉଚ୍ଚବିଦ୍ୟାପୀଠର ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରୋଟାରୀ କ୍ଲବ୍ ଅଫ୍ କଟକ ମିଡ୍-ଟାଉନ୍‌ର ସଭାପତି ଡଃ ଆଶୁତୋଷ ଦେବତା, ମୁଖ୍ୟବକ୍ତା ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ କାହ୍ନୁଚରଣ ଦାଶ, ସମ୍ମାନୀତ ଅତିଥି ଭାବେ ବିଜୟ ଟାପୁରିଆ।। ଏବଂ ଶୈଳେନ୍ଦ୍ର ଠାକୁର ଯୋଗଦେଇ ବିଶ୍ୱ ଧରିତ୍ରୀ ଦିବସ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରେନ୍ଦ୍ରକୁମାର ନନ୍ଦ ଏହି କର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ଗଙ୍ଗାଧର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ କଳ୍ପନାମୟୀ ପୃଷ୍ଟି, ହିରଣ୍ମୟୀ ସାମଲ, ନିତିଶ କୁମାର ଜେନା ଓ ସୁରାଇ ସୋରେନ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଦିଲ୍ଲୀପ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ୍ ଥାନାରେ ଝୁଲିବ ତାଲା

କଟକ,୨୩।୪(ସମିସ)

● ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଶେଷ ହୋଇଛି ନିଲାମ ପ୍ରକ୍ରିୟା

● ଥାନା ପରିଚାଳନା ବାବଦରେ ବକେୟା ପଡ଼ିଛି ୯୯ ଲକ୍ଷ ୯୫ହଜାର ଟଙ୍କା

କଟକ ସହରରେ ଥିବା ବିଦ୍ୟୁତ୍ ଥାନା ବନ୍ଦ ହେବ। ଏନେଇ ସମସ୍ତ ପ୍ରକ୍ରିୟା ଶେଷ କରିଛି କମିଶନରେଟ୍ ପୁଲିସ। ବିଦ୍ୟୁତ୍ ଥାନା ଦ୍ୱାରା ୨୦୦୭ ମସିହାରୁ ଏପର୍ଯ୍ୟନ୍ତ ବିଭିନ୍ନ ମୋକଦ୍ଦମାରେ ଜବତ ହୋଇଥିବା ଲକ୍ଷାଧିକ ଟଙ୍କାର ଆଲୁମିନିୟମ ତାର, ତମ୍ବା ତାର ଓ ବୈଦ୍ୟୁତିକ ଉପରକରଣ ଗୁଡ଼ିକ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ କଟକସ୍ଥିତ ବୃହତ୍ ବନ୍ଦୋବସ୍ତ କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ସ୍ୱତନ୍ତ୍ର ବିଦ୍ୟୁତ୍ ଥାନା ପ୍ରାଙ୍ଗଣରେ ନିଲାମ କରାଯାଇଛି। ଏଥି ନିମନ୍ତେ ସର୍ବସାଧାରଣଙ୍କୁ ନିଲାମ ପ୍ରକ୍ରିୟାରେ ଭାଗ ନେବା ପାଇଁ କମିଶନରେଟ୍ ପୁଲିସ ଆହ୍ୱାନ କରିଥିଲା। ନିଲାମଧାରୀମାନେ ପ୍ରଥମ ପର୍ଯ୍ୟାୟରେ ନିଲାମ ଟଙ୍କାର ୨୫% ନଗଦ ଟଙ୍କା ଆକାରରେ ଦାଖଲ କରିଥିଲେ। ଅବଶିଷ୍ଟ ୭୫% ପରେ ପଇଠ କରି ନିଲାମଧାରୀ ବିଦ୍ୟୁତ୍ ଥାନାର ସମସ୍ତ ବୈଦ୍ୟୁତ୍ ଉପକରଣ ନେଇ ଯାଇଥିବା ଜଣାପଡ଼ିଛି। ଏବେ କେବଳ ଥାନାର ଆସବାବପତ୍ର ସ୍ଥାନାନ୍ତର ପରେ ବିଦ୍ୟୁତ୍ ଥାନା ସବୁଦିନ ପାଇଁ ବନ୍ଦ ହୋଇଯିବ ବୋଲି ଜଣେ ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି।

ବିଦ୍ୟୁତ୍ ବିତରଣ ସଂସ୍ଥା ସେସୁ ପକ୍ଷରୁ ରାଜ୍ୟ ସରକାରଙ୍କ ସହିତ ୨୦୦୩ମସିହାରେ ଏକ ଚୁକ୍ତିନାମା କରାଯାଇଥିଲା। ଏଥିରେ ଉଲ୍ଲେଖ ରହିଥିଲା ଯେ, ବିଦ୍ୟୁତ୍ ଥାନାରେ କାର୍ଯ୍ୟରତ କର୍ମଚାରୀଙ୍କ ଦରମା, ଥାନା ପରିଚାଳନା ଖର୍ଚ୍ଚ ଏବଂ ଥାନା ଗାଡି ବ୍ୟବହାର ବାବଦରେ ଖର୍ଚ୍ଚକୁ ବିଜୁଳି ବିଭାଗ(ଦାୟିତ୍ୱରେ ଥିବା ସଂସ୍ଥା) ବହନ କରିବ। ଉକ୍ତ ସଂସ୍ଥା ଏସବୁ ଖର୍ଚ୍ଚ ରାଜ୍ୟ ସରକାରଙ୍କ ନିକଟରେ ପଇଠ କରିବ। ତଦନୁଯାୟୀ ରାଜ୍ୟ ସରକାର ଏହି ଅର୍ଥକୁ ପୁଲିସ କର୍ମଚାରୀ ଏବଂ ଥାନା ପରିଚାଳନା ପାଇଁ ବିନିଯୋଗ କରିବେ। ଏହି ଚୁକ୍ତି ରାଜ୍ୟ ସରକାରଙ୍କ ପକ୍ଷରୁ ବିଦ୍ୟୁତ୍ ବଣ୍ଟନ୍ ସଂସ୍ଥା ମଧ୍ୟରେ ହୋଇଥିଲା। ଏହାପରେ ୧୨ଜଣ କନେଷ୍ଟବଳ, ଜଣେ ହେଡ୍-କନେଷ୍ଟବଳ, ୨ଜଣ ଏସ୍‌ଆଇ ଓ ୨ଜଣ ଏଏସ୍‌ଆଇ ଏବଂ ଜଣେ ଆଇଆଇସିଙ୍କୁ ଏଠାରେ ପୋଷ୍ଟିଂ କରାଯାଇଥିଲା।




କଟକରେ ସ୍ୱତନ୍ତ୍ର ଭାବେ ଏହି ବିଦ୍ୟୁତ୍ ଥାନା ଉଦ୍‌ଘାଟିତ ହୋଇଥିଲା। କଟକ ସହରର ବିଦ୍ୟୁତ୍ ସଂକ୍ରାନ୍ତୀୟ ସମସ୍ତ ଅଭିଯୋଗ ତଥା ମାମଲା ବିଦ୍ୟୁତ୍ ଥାନାରେ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ହେଲେ ସମ୍ପୃକ୍ତ ବିଦ୍ୟୁତ୍ ବଣ୍ଟନ ସଂସ୍ଥା ରାଜ୍ୟ ସରକାରଙ୍କୁ ଥାନା ପରିଚାଳନା ବାବଦରେ ଟଙ୍କା ଦେଲେ ନାହିଁ। ଏବେ ଉକ୍ତ ସଂସ୍ଥା ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱରେ ନାହିଁ। ଆଉ ଏକ ସଂସ୍ଥା ହାତରେ ବିଜୁଳି ବଣ୍ଟନ ଦାୟିତ୍ୱ ନ୍ୟସ୍ତ ରହିଛି। ଥାନା ପରିଚାଳନା ବାବଦରେ ୯୯ ଲକ୍ଷ ୯୫ହଜାର ଟଙ୍କ ବକେୟା ରହିଛି। ସମ୍ପୃକ୍ତ ସଂସ୍ଥା ଏହି ବକେୟା ଅର୍ଥକୁ ଦେଉନଥିବାରୁ ଥାନାକୁ ବନ୍ଦ କରିବା ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ସ୍ଥିର ହୋଇଛି। ଥାନାର କର୍ମଚାରୀଙ୍କୁ ଏବେ ଡିସିପିଙ୍କ କାର୍ଯ୍ୟାଳୟରେ ହାଜିରା ଦେବାକୁ କୁହାଯାଇଛି। ଫଳରେ ବିଦ୍ୟୁତ୍ ସମ୍ପର୍କିତ କୌଣସି ମାମଲା ଆଉ ସମ୍ପୃକ୍ତ ଥାନାକୁ ଯିବ ନାହିଁ।

ଅନ୍ୟପକ୍ଷରେ ୨୦୨୨ ମସିହାରେ ବିଜୁଳି ଥାନାରେ ମାତ୍ର ୨ଟି ମାମଲା ରୁଜୁ ହୋଇଥିବା ବେଳେ ଚଳିତ ବର୍ଷ ମାମଲା ସଂଖ୍ୟା ଶୂନ ରହିଛି। ସମ୍ପୃକ୍ତ ଘରୋଇ କମ୍ପାନୀ ବିତରଣ କାର୍ଯ୍ୟ ହାତକୁ ନେବା ପରଠାରୁ ଏଭଳି ପରିସ୍ଥିତି ଉପୁଜିବା ସହ ଥାନାର ଗୁରୁତ୍ୱ ହ୍ରାସ ପାଇଛି।




# କଟକ ଜିଲ୍ଲା ଯାଦବ ମହାସଭା ପକ୍ଷରୁ ଜଳଛତ୍ର




**କଟକ,୨୩।୪(ସମିସ):** କଟକ ଜିଲ୍ଲା ଯାଦବ ମହାସଭା ପକ୍ଷରୁ ଜିଲ୍ଲା ସଭାପତି ସମର ବେହେରାଙ୍କ ନେତୃତ୍ୱରେ ଖାନନଗର ନୟାଚୌକ, ଲିଙ୍କ୍ ରୋଡ ଠାରେ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇ ଦହିପାଣି ବଣ୍ଟନ କରାଯାଇଛି। ଉତ୍କଳ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରା ଆନୁଷ୍ଠାନିକ ଭାବେ ଏହାକୁ ଉଦଘାଟନ କରିଥିଲେ। ସମ୍ମାନୀୟ ଅତିଥିଭାବେ ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭାର ରାଷ୍ଟ୍ରୀୟ ଯୁବ ଅଧ୍ୟକ୍ଷ ସମାଜସେବୀ ଇଂ ପ୍ରଦୀପ କୁମାର ବେହେରା, ଉତ୍କଳ ଯାଦବ ମହାସଭା ସଂଯୋଜକ ନନ୍ଦଲାଲ ସିଂ ଯାଦବ, କଟକ ଜିଲ୍ଲା ଯାଦବ ମହାସଭା ସଭାପତି ସମର ବେହେରା, ସମ୍ପାଦକ ତୀର୍ଥବାସୀ ବେହେରା, କଟକ ନଗର ଯାଦବ ମହାସଭା ସମ୍ପାଦକ ସମରଜିତ୍ ବେହେରା, କଟକ ସଦର ଯାଦବ ମହାସଭା ସଭାପତି ବିନୋଦ ବେହେରା, ଉପସଭାପତି ସୁବୋଧ ବେହେରା, ସମ୍ପାଦକ ଚିତ୍ତରଞ୍ଜନ ବେହେରା, କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ସମ୍ପାଦକ ପ୍ରୀତିରଞ୍ଜନ କାଠୁଆ, କର୍ପୋରେଟର ଗୋପାଳ ଚନ୍ଦ୍ର ବେହେରା, ଅକ୍ଷୟ ବେହେରା, ରମେଶ ଚନ୍ଦ୍ର ଚେମେଇ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ଶେଖର ବେହେରା, ପ୍ରଭାତ ବେହେରା, ପ୍ରସନ୍ନ ବେହେରା, ତରୁଣ ଯାଦବ, ପ୍ରେମାନନ୍ଦ ବେହେରା, ନିବ୍ରତ ବେହେରା, ଧ୍ରୁବ ଚରଣ ବେହେରା, ଧରଣୀଧର ବେହେରା, ସତ୍ୟଜିତ ପରିଡ଼ା, ଦିଗବିଜୟ ବେହେରା, ରଘୁନାଥ ପରିଡ଼ା, ପୁରୁଷୋତ୍ତମ ବେହେରା, ଗୌରାଙ୍ଗ ବେହେରା, ଫଗୁନାଥ ବେହେରା, ତାପସ ବେହେରା, ସୁଧାଂଶୁ ଶେଖର ବେହେରା, ବିଶ୍ୱଜିତ୍ ପରିଡ଼ା, ସମରଜିତ ସ୍ୱାଇଁ, ଲିପୁନ୍ ବେହେରା, ଶ୍ରେୟାନ ବେହେରା, ଧୀରେନ୍ଦ୍ର ବେହେରା, ବୁଲେଇ ବେହେରା, ପ୍ରସନ୍ନ ବେହେରା ଓ ସୁଶାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।






# କଟକ ସିଟି



● ନକଲି ପୂଜା ସାମଗ୍ରୀ କମ୍ପାନୀ ଠାବ ଘଟଣା

## ଜେଲ୍ ଗଲା ମୁଖ୍ୟ ଅଭିଯୁକ୍ତ; ତଦନ୍ତ ଜାରି

**କଟକ,୨୩।୪(ସମିସ):** ନକଲି ତଥା ଏକ ପଞ୍ଜିକୃତ କମ୍ପାନୀର ପ୍ୟାକେଟ୍‌କୁ ବ୍ୟବହାର କରି ଅପମିଶ୍ରିତ ପୂଜାସାମଗ୍ରୀ ତିଆରି କାରଖାନା ଠାବ କରିଥିଲା କ୍ୟାଣ୍ଟନମେଣ୍ଟ ଥାନା ପୁଲିସ। ଏହି ନକଲି କାରବାରର ମୁଖ୍ୟ ଅଭିଯୁକ୍ତକୁ ମଙ୍ଗଳବାର ଗିରଫ କରାଯାଇଛି। ଅଭିଯୁକ୍ତଜଣକ ହେଲା ପଟ୍ଟାପୋଲ ଅଞ୍ଚଳର ଜନାର୍ଦ୍ଦନ ନାଇଡୁ(୩୧)। ଅପରାହ୍ଣରେ କୋର୍ଟଚାଲାଣ ପରେ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ପ୍ରମୋଦକୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଘଟଣାରେ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି। ପ୍ରକାଶ ଯୋଗ୍ୟ, ଉଭୟ ଖାଇବା ଓ ପୂଜା ପାଇଁ ଉଦ୍ଦିଷ୍ଟ ତୈଳକୁ ପ୍ରସ୍ତୁତ କରୁଥିବା ଆନ୍ଧ୍ରପ୍ରଦେଶର ଶିବଶକ୍ତି ଓ ଶ୍ରୀ ଦୁର୍ଗା ନାମକ ଏକ କମ୍ପାନୀ ପକ୍ଷରୁ ନିକଟରେ କଟକ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ ହୋଇଥିଲା। ପଟ୍ଟାପୋଲ ଅଞ୍ଚଳରେ ନକଲି ପୂଜା ସାମଗ୍ରୀ ତିଆରି ଏକ କାରଖାନା ରହିଛି। ସେଠାରେ ମହୁ, ଗଙ୍ଗାଜଳ, ଅଗୁର, ଘିଅ ଓ ତେଲ ସହିତ ଅନ୍ୟାନ୍ୟ ସାମଗ୍ରୀ ତିଆରି କରାଯାଇ ତାହାକୁ କଟକରେ ସହରରେ ବିକ୍ରି କରାଯାଉଛି। ବିଶେଷକରି ତାଙ୍କ କମ୍ପାନୀର ପ୍ୟାକେଟ ଓ ଲୋଗୋ ବ୍ୟବହାର କରାଯାଇ ସାମଗ୍ରୀ ବିକ୍ରି ହେଉଛି। ଅଭିଯୋଗ ଆଧାରରେ ପୁଲିସ ଘଟଣାର ଖୋଳତାଡ଼ କରିଥିଲା। ଅଭିଯୋଗର ସତ୍ୟାସତ୍ୟ ରହିଥିବା ନେଇ ଜଣାପଡିବା ପରେ ସୋମବାର ରାତିରେ ପୁଲିସ ପକ୍ଷରୁ ସେଠାରେ ଚଢ଼ଉ ହୋଇଥିଲା। ସେଠାରୁ ୧୪ପେଟି ତେଲ ମିଳିଥିଲା। ଏହାଛଡ଼ା ବହୁ ପରିମାଣର ତେଲ ଭର୍ତ୍ତି ହୋଇଥିବା ବୋତଲ, ଏକ ପ୍ୟାକିଂ ମେସିନ୍, ଓଜନ ଯନ୍ତ୍ର ଓ ନକଲି କାରବାରରେ ବ୍ୟବହୃତ ସାମଗ୍ରୀକୁ ପୁଲିସ ଜବତ କରିଥିଲା।

## ରାଷ୍ଟ୍ରୀୟ କବି ସଙ୍ଗମ ପକ୍ଷରୁ ପ୍ରାନ୍ତୀୟ ଅଧିବେଶନ

**କଟକ,୨୩।୪(ସମିସ):** ରାଷ୍ଟ୍ରୀୟ କବି ସଙ୍ଗମ ପକ୍ଷରୁ ଚତୁର୍ଥ ପ୍ରାନ୍ତୀୟ ଅଧିବେଶନ ଅନୁଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗଦୀଶ ମିତ୍ତଲଙ୍କ ଅଧ୍ୟକ୍ଷତାରେ କଟକ ସ୍ଥିତ ମାରୱାଡ଼ି କ୍ଲବ୍‌ରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରଦେଶରୁ ଆସିଥିବା ବହୁଭାଷାର କବିତା ପାଠ ଉତ୍ସବ ଅନୁଷ୍ଠିତ ହେଉଥିଲା। ଓଡ଼ିଶା ପ୍ରଦେଶର ବିଭିନ୍ନ ଜିଲ୍ଲାରୁ ନିମନ୍ତ୍ରିତ କବିମାନେ କବିତା ପାଠ ଉତ୍ସବରେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ କଟକ ଜିଲ୍ଲା ସଂଯୋଜିକା ସ୍ତମ୍ଭକାର କବି ମୀରା ବେଉରାଙ୍କ ନେତୃତ୍ୱରେ କବି ମାନେ କବିତା ପାଠ ଉତ୍ସବରେ ଯୋଗଦେଇ ସମ୍ବର୍ଦ୍ଧିତ ହୋଇଥିଲେ। ଏହା ସହ ଅନୁଷ୍ଠାନର ପ୍ରାନ୍ତୀୟ ଅଧ୍ୟକ୍ଷ ନଥମଲ ଚନାନି କଟକ ଜିଲ୍ଲା ସଂଯୋଜିକା ଲେଖିକା କବି ମୀରା ବେଉରାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଥଲେ। ଗଜାନନ୍ଦ ଶର୍ମା, ସହ ମହାମନ୍ତ୍ରୀ ମହେଶ ଶର୍ମା, ଅଭିଭାଷଣ ରଖିଥିଲେ। ପ୍ରାନ୍ତୀୟ ପ୍ରଭାରୀ ସାକ୍ଷୀ ଗୋପାଳ ପଣ୍ଡା, ରୋହିତ ଅଗ୍ରୱାଲ, ଆଶିଷ ବିଦ୍ୟାର୍ଥୀ, ଅନିତା ଭାବସିଂହ, ବ୍ୟଙ୍ଗକବି ଲକ୍ଷ୍ମୀ ଛଡ଼ା ରିମଝିମ୍ ଝା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବି ମହିଜା ଦଳବେହେରା, କବି ଡ. ଅମୀୟ ରଞ୍ଜନ ମହାପାତ୍ର, ପ୍ରଦୀପ ବେଉରିଆ, ଅଧ୍ୟାପକ ପ୍ରସନ୍ନ ସ୍ୱାଇଁ, ଡ. ବସନ୍ତ ନନ୍ଦ ଓ ବିଜୟ ନାଥଙ୍କ ସହ କଟକର ବହୁ କବି ଏହି ଉତ୍ସବରେ ଯୋଗଦେଇ ସମ୍ବର୍ଦ୍ଧିତ ହୋଇଥିଲେ। ରାଜ୍ୟ ମହାମନ୍ତ୍ରୀ କବି ପୁଷ୍ପା ସିଂହ ଧନ୍ୟବାଦ ଦେଇଥଲେ।

## ବିଜେପିର ବୁଥସ୍ତରୀୟ କର୍ମୀ ସମ୍ମିଳନୀ

**କଟକ,୨୩।୪(ସମିସ):** ଆଜି କଟକ ଜରିପଡ଼ା ସ୍ଥିତ ଶ୍ରୀ ଜଳେଶ୍ୱର ମହାଦେବ ପୀଠ ପରିସରରେ ବିଜେପିର ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ କଟକ ବିଜେପି ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଯୋଗଦେଇ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ସହିତ କଟକ ସଦରରେ ପରିବର୍ତ୍ତନ ନିମନ୍ତେ କର୍ମକର୍ତ୍ତାଙ୍କୁ କଠିନ ପରିଶ୍ରମ କରିବା ପାଇଁ ଆହ୍ୱାନ ଦେଇଥିଲେ। କଟକ ସଦରର ବିଧାୟକ ପ୍ରାର୍ଥୀ ଇଂ ପ୍ରକାଶ ସେଠୀ ଉପସ୍ଥିତ ରହି କର୍ମୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସଦର ଅଞ୍ଚଳର ବିଜୟାନନ୍ଦ ମହାନ୍ତି ଓ ବିଘ୍ନେଶ୍ୱର ମହାନ୍ତି ବିଜେପିରେ ଯୋଗଦାନ କରିଥିଲେ। ଦୀପ୍ତି ରଞ୍ଜନ ସିଂ ସମ୍ମିଳନୀ ଆୟୋଜନ କରିଥିବା ସମୟରେ ଅଶୋକ ସାହୁ ସଭାପତିତ୍ୱ କରିଥିଲେ। ଯୁବନେତା ଶୁଭେନ୍ଦୁ ମହାନ୍ତି ଓ ଜ୍ୟୋତିରଞ୍ଜନ ରାୟଙ୍କ ସହିତ ସ୍ଥାନୀୟ ଅଞ୍ଚଳର ପ୍ରତାପ ସାହୁ, ଦିଲୀପ ସାହୁ, ସରୋଜ ଅମୁଧା, ଜିତେନ୍ଦ୍ର ସ୍ୱାଇଁ, ପ୍ରଦୀପ୍ତ ନାୟକ, ମୃତ୍ୟୁଞ୍ଜୟ ପୃଷ୍ଟି, ମକର ସାହୁ, କୁଲୁ ବିଶ୍ୱାଳ, ବିପିନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।

### ରକ୍ଷଣାବେକ୍ଷଣ ଅଭାବ

# ସୁଧୁରୁନି ନୂଆବଜାର ଫ୍ଲାଏଓଭର୍ ବ୍ରିଜ୍‌ର ଦୁରବସ୍ଥା

**କଟକ,୨୩।୪(ସମିସ)**

କଟକ ପୂର୍ବାଞ୍ଚଳର ନୂଆବଜାର ଠାରେ ନିର୍ମାଣ ହୋଇଥିବା ଫ୍ଲାଇ ଓଭରବ୍ରିଜ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ବିଶେଷକରି ରକ୍ଷଣାବେକ୍ଷଣ ଅଭାବରୁ ଏହି ବ୍ରିଜ ଉପ ଖାଲଖମାରେ ପରିଣତ ହୋଇଛି। ଏପରିକି ବ୍ରିଜ ଉପରି ଭାଗରୁ କଂକ୍ରିଟ ଉଠି ରଡ ଦେଖାଗଲାଣି। ସେହିପରି ବ୍ରିଜର ଫୁଟପାଥ ଗୁଡିକ ଭାଙ୍ଗିରୁଜି ଯାଇଥିଲେ ବି ଏହାର ମରାମତି ସମ୍ଭବ ହୋଇପାରିନାହିଁ। ଯେଉଁ ଉଦ୍ଦେଶ୍ୟ ନେଇ ଏହି ଓଭରବ୍ରିଜ ନିର୍ମାଣ ହୋଇଥିଲା ତାହା ସାଧିତ ହୋଇପାରିନି। ତାଳଦଣ୍ଡା କେନାଲ ଉପରେ ଦୁଇଟି ଛୋଟ ପୋଲ ଦେଇ ଲୋକ ଯାତାୟତ କରିବା ସହ ୫୫ନଂ ଜାତୀୟ ରାଜପଥକୁ ଅତିକ୍ରମ କରି ପୋତାପୋଖରୀ ପଟକୁ ଯାଉଥିବାର ଦୃଶ୍ୟ ନୀତିଦିନ ଦେଖିବାକୁ ମିଳୁଛି। ଫଳରେ ଫ୍ଲାଇ ଓଭର ବ୍ରିଜ ଉପରେ ବେଶୀ ଲୋକ ଯାଆସ କରୁନାହାଁନ୍ତି। ନୂଆବଜାର ଛକରେ ପ୍ରତିଦିନ ସଂଧ୍ୟା ଓ ସକାଳ ସମୟରେ ନାହିଁ





ନ ଥିବା ଟ୍ରାଫିକ ଜାମ୍ ପରିସ୍ଥିତି ଦେଖିବାକୁ ମିଳୁଛି। ନୂଆବଜାର ଛକର ଟ୍ରାଫିକ ଭିଡ ଏଡାଇବାକୁ ଏକ ଫ୍ଲାଏ ଓଭର ବ୍ରିଜ ଗତ ୨୦୧୪ ମସିହା ଫେବୃଆରୀ ମାସରେ ପ୍ରାୟ ୨୭ କୋଟିର ବ୍ୟୟ ଅଟକଳରେ ନିର୍ମାଣ କରାଯାଇ ଉଦଘାଟନ ହୋଇଥିଲା। ନୂଆବଜାର ଠାରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ଦ୍ୱାରା କଟକ-ପରାଦୀପ ରାସ୍ତା ନୂଆବଜାର ଛକରେ ଟ୍ରାଫିକ ଭିଡ କମିବ ବୋଲି ଆଶା କରାଯାଉଥିଲା ହେଲେ ଏହା ଯଥା ପୂର୍ବଂ ତଥା ପରଂ ହୋଇଥିଲା। ଏହି ବ୍ରିଜ ଉପରେ ଲୋକେ ସେମାନଙ୍କ ଗାଡିକୁ ରାତି ବେଳା ପାର୍କିଂ କରୁଥିବା ଦେଖିବାକୁ ମିଳିଥିଲା। ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେବା ପରେ ଏହା ବନ୍ଦ ରହିଥିଲା। ହେଲେ ଏବେ ପୁଣି ବେଆଇନ ପାର୍କିଂ ଦେଖିବାକୁ ମିଳୁଛି। ସେହିପରି ବୁଧବାର, ଶୁକ୍ରବାର ଓ ରବିବାର ଦିନ ବ୍ରିଜ ଫୁଟପାଥ ଉପରେ ଆମିଷ ବଜାର ଖୋଲୁଛି। ଫଳରେ ଏଠାରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିବା ଜଣାପଡିଛି। ଯେହେତୁ ଏହି ଫ୍ଲାଇ ଓଭର ବ୍ରିଜ ତଳେ ଦୁଇ ଦୁଇଟି ପୋଲ ଉପଲବ୍ଧ ହେଲା ଗାଡି ଚାଳକ ଆଉ ଫ୍ଲାଏ ଓଭର ବ୍ରିଜକୁ ବିଶେଷଭାବେ ବ୍ୟବହାର କରିଲେ ନାହିଁ। ଏହି ବ୍ରିଜ୍ ପଟରେ ରହିଥିବା ତିନିଘରିଆ, ନୂଆପଡା, ମତ୍ତଗଜପୁର, କଲ୍ୟାଣୀନଗର ଆଦି ଅଞ୍ଚଳର ଲୋକେ କିନ୍ତୁ ଫ୍ଲାଏଓଭର ବ୍ରିଜରେ ଯାତାୟତ କରିଲେ ନାହିଁ। ତାଳଦଣ୍ଡାର ଦୁଇ ପୋଲ ଦେଇ ନୂଆବଜାର ଟ୍ରାଫିକ ଛକ ଅତିକ୍ରମ କରି ପୋତାପୋଖରୀ, ମହାନଦୀବିହାର ଆଡକୁ ଯିବାକୁ ଗାଡିଚାଳକ ଉଚିତ ମଣିଲେ। ଏବେ ଲୋକେ ମର୍ଣ୍ଣିଂୱାକ ପାଇଁ ଏହି ବ୍ରିଜକୁ ବ୍ୟବହାର କରୁଥିବା ବେଳେ ଭଙ୍ଗାରୁଜା ଫୁଟପାଥ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ପୂର୍ତ୍ତ ବିଭାଗ ଦୃଷ୍ଟି ଦେଇ ତୁରନ୍ତ ବ୍ରିଜ ମରାମତି ନ କରିଲେ ଏହା ବିପଦ ପାଲଟିବ ଏଥିରେ ସନ୍ଦେହ ନାହିଁ।

## ନ୍ୟୁ ଷ୍ଟିୱାର୍ଟ ସ୍କୁଲ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ



**କଟକ,୨୩।୪(ସମିସ)**

ମିଶନ ରୋଡ ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲର ଜଳ ଛତ୍ର ବଣ୍ଟନ କାର୍ଯ୍ୟକ୍ରମ ବିଦ୍ୟାଳୟର ଅଧ୍ୟକ୍ଷ ରେଭରେଣ୍ଡ ଡିକନ ମୋଯେସ ମହାନ୍ତିଙ୍କ ତତ୍ତ୍ୱବଧାନ ତଥା ବିଦ୍ୟାଳୟର ସ୍କାଉଟ ଓ ଗାଇଡ଼ ତରଫରୁ ଆୟୋଜିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରେଭରେଣ୍ଡ ପଙ୍କଜ ସାହାଣୀ ପ୍ରାରମ୍ଭିକ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡିଓସି ସ୍କାଉଟ ପବିତ୍ର କୁମାର ମହାନ୍ତି ଏବଂ ଜିଲ୍ଲା ଗାଇଡର ରଞ୍ଜିତା ପ୍ରଧାନ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଏଭଳି ଜନହିତକର କାର୍ଯ୍ୟକ୍ରମ କରିବା ପାଇଁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଗାଇଡ଼ କ୍ୟାପଟେନ ବର୍ଷା ବିଶ୍ୱାସ, ସ୍କାଉଟ ମାଷ୍ଟର ପ୍ରେମାଶିଷ ଜେନା ଓ ସ୍କାଉଟ ଗାଇଡ଼ ଛାତ୍ରଛାତ୍ରୀମାନେ ଜଳଛତ୍ରକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ଉକ୍ତ ଆୟୋଜନରେ ଛାତ୍ରଛାତ୍ରୀମାନେ ପଥିକଙ୍କୁ ଦହି ପାଣି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସଂଯୋଜିକା ସୁମିତ୍ରା ପଣ୍ଡା, ଆକ୍ଟିଭିଟି ସଂଯୋଜକ ଆଲୋକ ପ୍ରକାଶ ସାହୁ, ପିଆରଓ ମର୍ସି ରାଉତ, କ୍ରୀଡା ଶିକ୍ଷକ ଅମୂଲ୍ୟ ବେହେରା, ଇଫସାନ ପାଣି, ଦିଲୀପ ଦାସ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଅଂଶୁଘାତ ମୁକାବିଲାରେ ତତ୍ପର ଆର୍‌ପିଏଫ୍

**କଟକ,୨୩।୪(ସମିସ):** ପ୍ରଚଣ୍ଡ ଖରାରେ ରେଳଯାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଆରପିଏଫ ପକ୍ଷରୁ ପ୍ରାଥମିକତା ଦିଆଯାଇଛି। ମୁଖ୍ୟତଃ ଅଂଶୁଘାତ ଭଳି ପରିସ୍ଥିତି ଏଡାଇବା ପାଇଁ କଟକ ରେଳଷ୍ଟେସନରେ ବିହିତ ପଦକ୍ଷେପ ନିଆଯାଇଛି। ଯେହେତୁ ପ୍ରବଳ ଗରମ ସତ୍ତ୍ୱେ ଷ୍ଟେସନରେ ଯାତ୍ରୀଙ୍କ ଭିଡ ଲାଗିରହୁଛି। ତେଣୁ ଏସି ଅପେକ୍ଷା ସାଧାରଣ ବଗିରେ ଯାତ୍ରା କରୁଥିବା ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଅଧିକ ଜରୁରି ହୋଇପଡିଛି। ଏଥିଲାଗି ପ୍ରତ୍ୟେକ ପ୍ଲାଟଫର୍ମରେ ଆରପିଏଫ ଟିମ ଅପେକ୍ଷାରତ ଯାତ୍ରୀଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ଛିଡା ହେବାକୁ ପରାମର୍ଶ ଦେଉଛି। ପ୍ରବଳ ଗରମରେ ଠେଲାପେଲା କରି ଟ୍ରେନରେ ଚଢିଲା ବେଳେ ଅଘଟଣ ଘଟିବାର



ସମ୍ଭାବନା ରହିଛି। ତେଣୁ ଭିଡ ନକରି ଧାଡିରେ ଟ୍ରେନରେ ଚଢିବାକୁ ନିବେଦନ କରାଯାଉଛି। ଏହାବାଦ ସକାଳୁ ଅପରାହ୍ଣ ପର୍ଯ୍ୟନ୍ତ ଆରପିଏଫ କର୍ମୀମାନେ ସମସ୍ତ ପ୍ଲାଟଫର୍ମରେ ଟ୍ରେନ ପାଖକୁ ଯାଇ ଯାତ୍ରୀଙ୍କୁ ଥଣ୍ଡା ପାନୀୟ ଜଳ ବଣ୍ଟନ କରୁଛନ୍ତି । ସେହିପରି କଣ୍ଟ୍ରୋଲ ରୁମରୁ ସିସିଟିଭି ମାଧ୍ୟମରେ ପ୍ଲାଟଫର୍ମରେ ଥିବା ଯାତ୍ରୀଙ୍କ ଉପରେ ନଜର ରଖାଯାଉଛି। ଯଦି କୌଣସି ଯାତ୍ରୀ ହଠାତ ଅସୁସ୍ଥ ହୋଇପଡିଲେ ତାଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ଦେବା ସହ ମେଡିକାଲ ନିଆଯିବା ଭଳି ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଥିପାଇଁ ଏକ ଟିମକୁ ସ୍ୱତନ୍ତ୍ର ଭାବେ ନିୟୋଜିତ କରାଯାଇଛି। ଏହି ଟିମ ବୟସ୍କ, ଶିଶୁ ଓ ଅସୁସ୍ଥ ଯାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରତି ତୀକ୍ଷ୍ଣ ନଜର ରଖୁଥିବା ନେଇ ଆରପିଏଫ ଅଧିକାରୀ ଅନୀଲ ସିଂହ ସୂଚନା ଦେଇଛନ୍ତି।



## ମର୍ଣ୍ଣିଂଷ୍ଟାର୍ ପକ୍ଷରୁ ଦହିପଖାଳ କାର୍ଯ୍ୟକ୍ରମ

**କଟକ,୨୩।୪(ସମିସ):** ବିଡାନାସୀସ୍ଥିତ ଭୂଆସୁଣି ପୀଠରେ ମର୍ଣ୍ଣିଂଷ୍ଟାର୍ ପକ୍ଷରୁ ଏକ ଦହିପଖାଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ବଂଶୀଧର ଶାସନୀ, ଶ୍ରୀକାନ୍ତ ରାଉତରାୟ, ବିକ୍ରମ ସାହୁ, ଅମୀୟ ବେହେରା, ପ୍ରଭାସ ପ୍ରଧାନ, ନନ୍ଦକିଶୋର ସିହ୍ନା, ମନୋଜ ବାରିକ, ରାଜେଶ ଖଣ୍ଡେଲ୍‌ୱାଲ୍, ବିଷ୍ଣୁ ସାହୁ, କାଳିନ୍ଦୀ ବେହେରା, ପୂର୍ଣ୍ଣଚନ୍ଦ୍ର ଓଝା, ଚିତ୍ତରଞ୍ଜନ ମିଶ୍ର, ଶ୍ରୀନିବାସ ରଣା, ବସନ୍ତ ସେଠୀ, ସୁଶୀଲ୍ ପଟ୍ଟନାୟକ, ଗଣେଶ ବେହେରା, ରଞ୍ଜନ ମହାରଣା, ବିକାଶଚନ୍ଦ୍ର ବେହେରା, ସ୍ୱରୂପ ଦାସ, ସଙ୍କେତ କର, ପିଙ୍କୁ ଦୀକ୍ଷିତ୍, ଗୌରହରି ଦାସ, ପ୍ରମାଦ ଦାସ ଓ ଆର୍ତ୍ତତ୍ରାଣ ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୫୦୦ରୁ ଉର୍ଦ୍ଧ୍ୱର୍ ଲୋକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପଖାଳର ଆନନ୍ଦ ଉଠାଇଥିଲେ।

# କଟକକୁ ନୂଆ ରୂପ ଦେବାକୁ ସଂକଳ୍ପ

**କଟକ,୨୩।୪(ସମିସ)**







ରାଜ୍ୟ ମାନଚିତ୍ର ବଦଳୁଛି। ସବୁଆଡେ ଶୁଭୁଛି ବିକାଶର କଥା। ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟରେ ସର୍ବାଙ୍ଗୀନ ବିକାଶ ଘଟୁଛି। ବିଜୁ ଜନତା ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ତୃଣମୂଳସ୍ତରରୁ ବିକାଶର ନକ୍ସା ଅଙ୍କା ଯାଉଛି। ଏହା ଭିତରେ ରୌପ୍ୟନଗରୀ କଟକ ମଧ୍ୟ ସାମିଲ ହୋଇଛି। ଲୋକଙ୍କ ଆସ୍ଥାଭାଜନ କରି ପାରିଥିବା ବିଜୁ ଜନତା ଦଳ ଆଗାମୀ ସାଧାରଣ ନିର୍ବାଚନରେ ବିପୁଳ ମାତ୍ରାରେ ବିଜୟ ଲାଭ କରିବ। ଜନତାଙ୍କ ସେବା କରିବାକୁ ଦଳର ସମସ୍ତ ପ୍ରାର୍ଥୀ ପ୍ରତିଶ୍ରୁତିବଦ୍ଧ। ଆଗାମୀ ଦିନରେ କଟକକୁ ନୂଆ ରୂପ ଦେବାକୁ ବିଜେଡି ପ୍ରାର୍ଥୀ ସଂକଳ୍ପ କରିଛନ୍ତି। କେବଳ ଯେ ଉନ୍ନତ ମୌଳିକ ସୁବିଧା ସୁଯୋଗ ଦିଆଯିବ ତାହା ନୁହେଁ, ସହରବାସୀ ଏକ ନୂଆ କଟକ ଦେଖିବେ। କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ-୩ ଓ ୫ରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ଏଭଳି ମତପ୍ରକାଶ ପାଇଛି। ରାଜ୍ୟସଭା ସାଂସଦ ତଥା ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। କଟକ ଲୋକସଭା ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଯୋଗଦେଇ କହିଥିଲେ ଯେ, ନଦୀ କୂଳରେ ଗଢ଼ି ଉଠିଥିବା ସହର କଟକରେ ଅନେକ ବିକାଶମୂଳକ କାର୍ଯ୍ୟ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇ ରହିଛି। ବିଜୟୀ ହେବା ପରେ ଏହା ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରାଯିବ। ସେହିପରି ବାରବାଟୀ-କଟକ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା କହିଥିଲେ ଯେ, ଜଣେ ସଙ୍ଗଠକ ଭାବେ ସବୁବେଳେ କାର୍ଯ୍ୟ କରେ। ବିଜୁ ଜନତା ଦଳ ଭଳି ସଙ୍ଗଠନରେ କାର୍ଯ୍ୟ କରିବାକୁ ସୁଯୋଗ ପାଇଛି। କଟକର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଉଦ୍ୟମ କରୁଛନ୍ତି। ଏହି ବିକାଶ ଯାତ୍ରାରେ ଜଣେ ସାରଥୀ ଭାବେ କାର୍ଯ୍ୟ କରିବି ବୋଲି ପ୍ରକାଶ କହିଥିଲେ। ବୈଠକରେ ମେୟର ସୁବାସ ସିଂହ, ନଗର ବିଜେଡି ସଭାପତି ମଧୁସୂଦନ ସାହୁ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ବିଶ୍ୱଜିତ ମହାନ୍ତି, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ପ୍ରଫୁଲ୍ଲ ସିଂହ, ପ୍ରକାଶ ସିଂହ, ପର୍ଯ୍ୟବେକ୍ଷକ ଶୋଭେନ ମହାନ୍ତିଙ୍କ ସମେତ ଜିଲ୍ଲା ବିଜେଡି ନେତା ଆକୁଳାନନ୍ଦ ମନ୍ତ୍ରୀ, କର୍ପୋରେଟର ପ୍ରଦୀପ ରାଉତ, ପ୍ରିୟମ୍ବଦା ସ୍ୱାଇଁ, ପ୍ରେମାଂଶୁ ବେହେରା, ମମତା ନାୟକ, ୱାର୍ଡ ସଭାପତି ମନୋରଞ୍ଜନ ଦାସ, ଜଗନ୍ନାଥ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ମୁକେଶ ମିଶ୍ର, ସୁଧୀର ରାଉତ, ପ୍ରତାପ ନାୟକ, ଅମରେଶ ପରିଜା, ମୁକ୍ତିକାନ୍ତ ପାତ୍ର, ସୁବଳ ସୁବୁଦ୍ଧି, ଶରତ ନାୟକ, ଆଶିଷ ବେହେରା, ନିଶାକର ଦାସ, ସ୍ୱର୍ଣ୍ଣପ୍ରଭା ମହାନ୍ତି ଓ ଦେବେନ୍ଦ୍ରନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ଯୁବନେତା ତଥା ସମାଜସେବୀ ସତ୍ୟଜିତ ମହାନ୍ତିଙ୍କ ନେତୃତ୍ୱରେ ୩୦୦ରୁ ଅଧିକ ଲୋକେ ବିଜେଡିରେ ସାମିଲ ହୋଇଥିଲେ।

# ଯାଞ୍ଚ ହେଉନି ପାଣି ବୋତଲର ମାନ

## ■ ସଭାସମିତି, ଭୋଜିଭାତ ଓ ବିଭିନ୍ନ ଉତ୍ସବରେ ହେଉଛି ବହୁଳ ବ୍ୟବହାର

**ନିଆଳି, ୨୩।୪(ସମିସ)**

ନିଆଳି ବ୍ଲକ ଅଞ୍ଚଳର ବିଭିନ୍ନ ବଜାର, ଛକ ଓ ଗାଁ ଗହଳିରେ ଥିବା ପାନ ଦୋକାନଠାରୁ ଆରମ୍ଭ କରି ବଡ଼ବଡ଼ ସମସ୍ତ ଦୋକାନରେ ପାଣି ବୋତଲ ବିକ୍ରି ହେଉଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ମାନ ଯାଞ୍ଚ ହେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ବର୍ତ୍ତମାନ ବିଭିନ୍ନ ସଭାସମିତି, ଭୋଜିଭାତ, ବିଭିନ୍ନ ଉତ୍ସବ, ହୋଟେଲ, ଢ଼ାବାଗୁଡ଼ିକରେ କିଣା ପାଣି ବୋତଲର ବହୁଳ ବ୍ୟବହାର ହେଉଥିବା ବେଳେ କେତେକ ସମୟରେ ଲୋକେ ବୋତଲ ପାଣି ପିଉଥିବାରୁ ଏହା ଆବଶ୍ୟକସ୍ଥଳେ ସ୍ୱାସ୍ଥ୍ୟବସ୍ଥା ହାନିକାରକ ହେବାର ଆଶଙ୍କା ଦେଖାଦେଇଛି। ବଜାରରେ ବର୍ତ୍ତମାନ ୩୦୦ମିଲି ପାଣି ବୋତଲକୁ ୫ଟଙ୍କା, ୫୦୦ମିଲି ପାଣି ବୋତଲକୁ ୧୦ଟଙ୍କା ଓ ୧ଲିଟର ପାଣି ବୋତଲକୁ ୨୦ଟଙ୍କାରେ ବିକ୍ରି ହେଉଛି। ପାଣି ବୋତଲର ବହୁଳ ବ୍ୟବହାରକୁ ଦେଖି ନିଆଳି ବ୍ଲକର ବିଭିନ୍ନ ସ୍ଥାନରେ ବିଭିନ୍ନ କମ୍ପାନୀର ପାଣି ବୋତଲ ବିକ୍ରି ହେଉଛି। ମୁନାଫାଖୋର ବେପାରୀମାନେ ଏହାର ସୁଯୋଗ ନେଇ ନାମିଦାମୀ କମ୍ପାନୀର ଲୋଗୋ ଓ ବ୍ରାଣ୍ଡକୁ ନକଲ କରି ନାମୀଦାମୀ କମ୍ପାନୀର ପାଣି ବୋତଲ ଭଳି ଦେଖାଯାଉଥିବା ଅବିକଳ କରି ବୋତଲ ପାଣି ବିକ୍ରି କରୁଛନ୍ତି। ଏପରି ନକଲି କରି ପାଣି ପ୍ରସ୍ତୁତ କରୁଥିବା କମ୍ପାନୀମାନେ ଦୋକାନୀଙ୍କୁ ବିକିବା ପାଇଁ ଅଧିକ ରିଆତି ଦେଉଥିବାରୁ ଦୋକାନୀମାନେ ମଧ୍ୟ ଗ୍ରାହକଙ୍କୁ ଏହି ପାଣି ବୋତଲ ବିକ୍ରି କରୁଛନ୍ତି। ଏହି ବୋତଲ ପାଣି ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହେଉଥିଲେ ମଧ୍ୟ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏହାର ଯାଞ୍ଚ ହେଉନି। ବଜାରରେ ମିଳୁଥିବା ଯେଉଁସବୁ କମ୍ପାନୀର ପାଣି ବୋତଲ ବିକ୍ରି ହେଉଛି ସେଥିରେ ଆଇଏସ୍ଆଇ ଲୋଗ ମରାଯାଉଛି। ମାତ୍ର ପାଣି କେବେ ବୋତଲରେ ଭର୍ତ୍ତି ହୋଇଛି। ତାର ବୈଧତା କେତେ ଦିନ ପର୍ଯ୍ୟନ୍ତ ରହିଛି ତାହା ସ୍ପଷ୍ଟଭାବେ ଲେଖା ହେଉନାହିଁ। ପ୍ରକୃତପକ୍ଷେ ବୋତଲ ପାଣି ପାଇଁ ବିଭିନ୍ନ ନିୟମ ରହିଛି। ଏହା ଠିକ୍ ଭାବରେ ଜୀବାଣୁ ମୁକ୍ତ ବା ବିଶୋଧନ ହେଉଛି କି ନାହିଁ। ପାଣିକୁ ବଜାରକୁ ଛାଡ଼ିବା ପୂର୍ବରୁ ଏହାର ନମୁନାକୁ ଭଲ ଭାବେ ପରୀକ୍ଷା କରାଯାଉଛି କି ନାହିଁ। ଏ ସଂକ୍ରାନ୍ତରେ କମ୍ପାନୀଗୁଡ଼ିକ ମଧ୍ୟ ଧ୍ୟାନ ଦେଉନାହାଁନ୍ତି। ଏପରିକି ଉକ୍ତ କମ୍ପାନୀମାନେ ଦୈନିକ କେତେ ପରିମାଣର ପାଣି ବଜାରକୁ ବିକ୍ରି ପାଇଁ ପଠାଇଲେ ତାର ତଥ୍ୟ ରଖିବା ଉଚିତ୍। ସେହିପରି ପ୍ରତିଦିନ ଉକ୍ତ ପାଣି ମାନ ଯାଞ୍ଚ ହେଉଛି କି ନାହିଁ ତାହା ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ତଦାରଖ କରୁନାହିଁ। ନିଆଳି ବ୍ଲକ ଅଞ୍ଚଳରେ ଚାଲିଥିବା ଏହି ପାଣି କମ୍ପାନୀ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ଅବଗତ ଥିବା ନେଇ ସନ୍ଦେହ ଉପୁଜିଛି। ନିଆଳି, ଜଲ୍ଲାରପୁର, ଶଙ୍ଖଷ, କସର୍ଦ୍ଦା ଇତ୍ୟାଦି ସ୍ଥାନ ମାନଙ୍କରେ ଏପରି କମ୍ପାନୀ କରାଯାଇ ବୋତଲ ପାଣି ପ୍ରସ୍ତୁତ କରାଯାଉଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୁରନ୍ତ ଏହି ବୋତଲ ପାଣିର ମାନ ଯାଞ୍ଚ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



## ଦେଶୀ ଓ ବିଦେଶୀ ମଦ ଜବତ; ୨ ଗିରଫ

**ସାଲେପୁର, ୨୩।୪(ସମିସ):** ସାଲେପୁର ପୁଲିସ ପକ୍ଷରୁ ଏକାଧିକ ସ୍ଥାନରେ ଚଢ଼ଉ କରି ୩୦ବୋତଲ ଦେଶୀ ଆସ୍କା ଫଟି ମଦ ଓ ୧୬ ବୋତଲ ଚୋରା ବିୟର ଜବତ କରିବା ସହ ୨ଜଣ ବ୍ୟବସାୟୀକୁ ଗିରଫ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ବାଲିଆ ଗ୍ରାମର ବିଶ୍ୱନାଥ ସାହୁଙ୍କ ପୁଅ ରଞ୍ଜନ କୁମାର ସାହୁ ବାଲିଆ ବଜାର ସବ୍‌ଷ୍ଟେସନ୍ ନିକଟରେ ଚୋରା ଦେଶୀ ମଦ ବିକ୍ରୟ କରୁଥିବା ଖବର ପାଇ ସାଲେପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ୩୦ ବୋତଲରୁ ଉର୍ଦ୍ଧ୍ୱ ଆସ୍କାଫଟି ଦେଶୀ ମଦ ତା'ନିକଟରୁ ଜବତ କରିବା ସହ ୧୮୧/୨୦୨୪ରେ ଏକ ମାମଲା ରୁଜୁ କରି ରଞ୍ଜନକୁ ଗିରଫ କରିଛି। ସେହିପରି ବଲ୍ଲଭପୁର ଗ୍ରାମର ଦେବାଶିଷ କର ନାମକ ଜଣେ ଯୁବକ ନିଜ ଭେରାଇଟି ଷ୍ଟୋର ନିକଟରେ ବିଭିନ୍ନ ପ୍ରକାର ବିଦେଶୀ ମଦ ରଖି ଚୋରାରେ ବିକ୍ରୟ କରୁଥିବା ପୁଲିସ ଖବର ପାଇ ପୁଲିସ ଚଢ଼ଉ କରି ତା' ନିକଟରୁ ୧୬ ବୋତଲ ଚୋରା ବିୟର ଜବତ କରିବା ସହ ୧୮୨/୨୦୨୪ରେ ଏକ ମାମଲା ରୁଜୁ କରି ଦେବାଶିଷକୁ ଗିରଫ କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ସାମାଜିକ ନାଟକ ପରିବେଷଣ



**ବାଙ୍କୀ, ୨୩।୪(ସମିସ):** ଡମପଡ଼ା ବ୍ଲକ ଅନ୍ତର୍ଗତ ସିଂହନାଥପୁର ଶ୍ରୀ ସିଂହନାଥ ଦେବ ଯୁବ ନାଟ୍ୟ ସଂସଦ ଆନୁକୂଲ୍ୟରେ ପ୍ରଥମ ସାମାଜିକ ନାଟକ ଅନୁଷ୍ଠିତ ହୋଇଯାଇଛି। ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବ ନାଟ୍ୟ ସଂସଦ ସଭ୍ୟମାନଙ୍କର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରେସ କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ସମ୍ମାନୀତ ଅତିଥି ଭାବେ ଦୁର୍ଯ୍ୟୋଧନ ସାହୁ, ସୁଦାମ ସାହୁ, ସିଦ୍ଧାର୍ଥ ଶଙ୍କର ସାହୁ ଯୋଗଦେଇ ଶିଶୁ କଳାକାରଙ୍କୁ ଅଭିନନ୍ଦନ ଜଣାଇଥିଲେ। ସୁଦାମ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅନୁଷ୍ଠାନ କେବଳ ନାଟକ ନୁହେଁ ବରଂ ସମାଜର ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ସମାଜ ସେବାରେ ନିୟୋଜିତ ହୋଇ ସେବା କାର୍ଯ୍ୟ ଜାରି ରଖିଛି। ପୂର୍ବରୁ ଏହି ଅନୁଷ୍ଠାନର 'ଲୁହରେ ଲେଖା ମୋ କପାଳ ରେଖା' ବାବୁଲି ସାରଙ୍କ ନିର୍ଦ୍ଦେଶରେ କଳାକାର ବିପିନି, ମିଟୁ, ରିପୁ, କୁଲୁ, ପ୍ରକାଶ, ସିପୁ, ରାମ, ପ୍ରଭା, ସନ୍ତ, ପ୍ରଶାନ୍ତ, ଲୁନା, ମୁନା, ଲିପୁ ସିଂ ଜୀବନ୍ତ ଅଭିନୟ କରିଥିବା ବେଳେ ଗ୍ରାମର ସମସ୍ତ ଯୁବକମାନେ ସାମିଲ ହୋଇଥିଲେ।

## ଦିବାରାତ୍ର କ୍ରିକେଟ ପ୍ରତିଯୋଗିତା



**ନିଶ୍ଚିନ୍ତକୋଇଲି, ୨୩।୪(ସମିସ):** ବରାଦୋ ପଞ୍ଚାୟତସ୍ଥିତ ବେଲେଶ୍ୱରୀ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏକ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ୮ଟି ଗ୍ରାମାଞ୍ଚଳର କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ। ଲୁଣାହାର କ୍ରିକେଟ ଟିମ୍ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ଏହାର ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଉତ୍ସବରେ ପୂର୍ବତନ ସରପଞ୍ଚ ନୃସିଂହଚରଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ମାହାଙ୍ଗା ବିଜେଡି ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗଦେଇ ଗ୍ରାମାଞ୍ଚଳରେ କ୍ରିକେଟ ଖେଳର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ଯୁବନେତା ବଳରାମ ସ୍ୱାଇଁ, ତପନ ବିଶ୍ୱାଳ, ପ୍ରଣବ ଦାଶ ପ୍ରମୁଖ ଯୋଗଦେଇଥିଲେ। ଆସୋସିଏସନର ସମସ୍ତ ସଭ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ଡ୍ରଗିଷ୍ଟଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ଚୌଦ୍ୱାର, ୨୩।୪(ସମିସ):** ଚୌଦ୍ୱାର କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍‌ର ସଦସ୍ୟ ତଥା ସୀମା ମେଡ଼ିସିନ୍ ଷ୍ଟୋରର ସତ୍ୱାଧିକାରୀ ଭଞ୍ଜ କିଶୋର ପଟ୍ଟନାୟକଙ୍କ ପରଲୋକରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ଜେଲ ରୋଡ଼ସ୍ଥିତ ନିରୂପ୍ତା କମ୍ପ୍ଲେକ୍ସ ଠାରେ ଚୌଦ୍ୱାର କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ ଆନୁକୂଲ୍ୟରେ ସଭାପତି ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିବ୍ୟଜ୍ୟୋତି ପାଣି, ବିରଜା କେଶରୀ ଜୀଉ, ଉଇଲି ମନ୍ତ୍ରୀ, ଅନ୍ୱେଷ କର, ଲୋକନାଥ ରାଉତ, ପରୀକ୍ଷିତ ନାୟକ, ସୁଜିତ୍ ବଳିୟାରସିଂ, ଶ୍ରୀହର୍ଷ ନାୟକ ପ୍ରମୁଖ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବିରାଟ ବଜାର ଅର୍ନ୍ତଗତ ସମସ୍ତ ଔଷଧ ଦୋକାନକୁ ବନ୍ଦ ରଖାଯାଇଥିଲା।

## ପୁଷ୍ପଗିରି ମହାବିଦ୍ୟାଳୟରେ ପ୍ରଗତି ପ୍ରେରଣା ଉତ୍ସବ



**ମାହାଙ୍ଗା, ୨୩।୪(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଏରକଣା ସ୍ଥିତ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟର ଯୁକ୍ତ ତିନି ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଗତି ପ୍ରେରଣା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ +୩ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ +୩ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପିକା ସୁଶ୍ରୀ ତୁଳସୀ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ବେଉରା, ମୁଖ୍ୟବକ୍ତା ଭାବେ ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ସୁଧାଂଶୁ ଶେଖର ଷଡ଼ଙ୍ଗୀ ଯୋଗଦେଇଥିଲେ। ଶେଷ ବର୍ଷର ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟରେ ତାଙ୍କର ସ୍ମୃତିକୁ ଚିର ଉଜ୍ଜୀବିତ ରଖିବା ନିମନ୍ତେ କଲେଜରେ ଚାରାରୋପଣ କରିଥିଲେ। ଅଧ୍ୟାପିକା ତୁଳସୀ ରାଉତ ସଭା ପରିଚାଳନା କରିଥିବା ବେଳେ, ପରିସୀମା ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ମଧୁସ୍ମିତା ସାମଲ ଧନ୍ୟବାଦ ଦେଇଥିଲେ।

## ରାମକୃଷ୍ଣ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଫୁଲନଖରା, ୨୩।୪(ସମିସ):** ବାରଙ୍ଗ ବ୍ଲକ ଅନ୍ତର୍ଗତ ସାଇଁଶୋ ପଞ୍ଚାୟତସ୍ଥିତ ରାମକୃଷ୍ଣ ଆଦର୍ଶ ବିଦ୍ୟାଳୟର ୧୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଦିଲ୍ଲିପ କୁମାର ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ହାଇକୋର୍ଟ ବାର୍ କାଉନ୍‌ସିଲ୍ ମେମ୍ବର ତଥା ଆଡିସ୍‌ନାଲ ଷ୍ଟାଣ୍ଡିଂ କାଉନ୍‌ସିଲର ଅକ୍ଷୟ କୁମାର ପତି, ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ବରିଷ୍ଠ ଆଇନଜୀବୀ କ୍ଷେତ୍ରମୋହନ ଧଳ, ମୁଖ୍ୟବକ୍ତା, କୃଷ୍ଣକଥା ପ୍ରବଚିକା ଦିବ୍ୟ ଜ୍ୟୋତ୍ସ୍ନା, ବିଦ୍ୟାଳୟର ସମ୍ପାଦକ ରଣଜିତ୍ ପାତ୍ର, ଉପଦେଷ୍ଟା କାନନ ବିହାରୀ ନାୟକ, ସାମ୍ବାଦିକ ଆଦିତ୍ୟ ଛୋଟରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ କୁଦ୍ରତୁନ ନିଶା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପରିଚାଳନା କମିଟି ସଦସ୍ୟ ରାଜ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଳଛତ୍ର କାର୍ଯ୍ୟକ୍ରମ

**ସାଲେପୁର, ୨୩।୪(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଜୟହିନ୍ଦ କ୍ଲବ୍ ପକ୍ଷରୁ ସାଲେପୁର ଡାକପୋଲ ନିକଟରେ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ରାସ୍ତାରେ ଯାତାୟତ କରୁଥିବା ଲୋକଙ୍କୁ ଅନୁଷ୍ଠାନ ପକ୍ଷରୁ ଜଳଛତ୍ର ବଣ୍ଟନ କରିଥିଲେ। ସକାଳ ୧୦ଘଟିକାରୁ ଅପରାହ୍ଣ ୩ ଘଟିକା ପର୍ଯ୍ୟନ୍ତ ଏହି ଜଳଛତ୍ର କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଏହି କାର୍ଯ୍ୟକ୍ରମରେ ନିହାର ରଞ୍ଜନ ସାହୁ, ସୌମ୍ୟରଞ୍ଜନ ନାୟକ, ମିନାର ବେହେରା, ବଦ୍ରିନାରାୟଣ ସିଂହ, ଜିତେନ୍ଦ୍ର ନାଥ ଜେନା, ମହେଶ୍ୱର ଦାଶ, ଦେବରାଜ ବେହେରା, ପ୍ରକାଶ ବେହେରା, ରଶ୍ମିରଞ୍ଜନ ଭୂୟାଁ, ଜୟହିନ୍ଦ କ୍ଲବ୍ ପକ୍ଷରୁ ସମସ୍ତ କର୍ମକର୍ତ୍ତାମାନେ



ଉପସ୍ଥିତ ରହି ଜଳଛତ୍ର ବଣ୍ଟନ କରିଥିଲେ। ସେହିପରି ବିଶ୍ୱାଳ ଗ୍ରୋସରୀ ସାଲେପୁର ପକ୍ଷରୁ ସାଲେପୁର ଶିଶୁ ମନ୍ଦିର ଛକରେ ଜଳଛତ୍ର ବଣ୍ଟନ କରାଯାଇଥିଲା। ସାଲେପୁର କୁଆଁପାଳ ରାସ୍ତାର ରାଜା ମାର୍କେଟ୍ ଛକରେ ମାର୍କେଟ୍ କମିଟି ପକ୍ଷରୁ ଜଳଛତ୍ରର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ୭ଦିନ ବ୍ୟାପୀ ଚାଲୁରହିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମର ରାଜା ମାର୍କେଟ୍ କମିଟିର କର୍ମକର୍ତ୍ତା ଓ ବ୍ୟବସାୟୀ ଓ ଲୁଣାହାର ଚନ୍ଦ୍ରାଦେଇପୁର ଗ୍ରାମର ସ୍ୱେଚ୍ଛାସେବୀ ଯୁବକମାନେ ଉପସ୍ଥିତ ରହି ସହଯୋଗ କରୁଛନ୍ତି।

## ସ୍ୱାଧୀନ ପ୍ରାର୍ଥୀ ଶାରଦାଙ୍କ ସମର୍ଥନରେ ବୈଠକ

**ନିଶ୍ଚିନ୍ତକୋଇଲି, ୨୩।୪(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ପଞ୍ଚାୟତ ଓ ଦ୍ୱିପାଞ୍ଚଳର ଜମରା ପଞ୍ଚାୟତରେ ମାହାଙ୍ଗା ବିଧାନସଭା କ୍ଷେତ୍ରର ସ୍ୱାଧୀନ ପ୍ରାର୍ଥୀ ଶାରଦା ପ୍ରଧାନ ପଞ୍ଚାୟତସ୍ତରୀୟ ସମର୍ଥନ ବୈଠକ କରିଛନ୍ତି। ଏହି ଦୁଇ ପଞ୍ଚାୟତରେ ତାଙ୍କର ଶହ ଶହ ସମର୍ଥକମାନେ ଯୋଗଦେଇ ଚଳିତ ନିର୍ବାଚନରେ ଶାରଦାଙ୍କୁ କିଭଳି ଭାବେ ବିପୁଳ ସଂଖ୍ୟାରେ ଆର୍ଶିବାଦ ଦେଇ ବିଜୟୀ କରିବେ ସେ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ବୁହାଲୋ ପଞ୍ଚାୟତରେ ୨୬ନଂ ଜୋନ୍ ସଭାପତି କୈଳାସ ବେହେରାଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ପ୍ରାର୍ଥୀ ଶାରଦା ପ୍ରଧାନ ଯୋଗଦେଇ ମାହାଙ୍ଗାର ସ୍ୱାଭିମାନ ରକ୍ଷା କରିବା ମାହାଙ୍ଗାବାସୀଙ୍କର ପ୍ରଧାନ କର୍ତ୍ତବ୍ୟ ବୋଲି ପ୍ରକାଶ




କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଷୀରୋଦ ପରିଡ଼ା, କ୍ଷୀରୋଦ ଦାସ, ସମିତିସଭ୍ୟ ଭବାନୀଶଙ୍କର ବେହେରା, ମନମୋହନ ସେଠୀ, ଅନନ୍ତ ବେହେରା, ପ୍ରଦୀପ୍ତ ସାହୁ, ମନମୋହନ ଓଝା, ବିଦ୍ୟାଧର ସାହୁ, ବିଜୟଲକ୍ଷ୍ମୀ ବେହେରା, ଜନାର୍ଦ୍ଦନ ବେହେରା, କ୍ଷୀରୋଦ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ସେହିପରି ଜମରା ପଞ୍ଚାୟତର ଶୁଭେନ୍ଦୁନାଥ ଜେନାଙ୍କ ସଭାପତିତ୍ୱରେ ଜୋନ୍ ପ୍ରମୁଖ ଅଶୋକ ସାହୁ, ଯୁବନେତା ଦେବଦତ୍ତ କର, ହରମୋହନ ପଣ୍ଡା, ସୌମ୍ୟକାନ୍ତ ବିଶ୍ୱାଳ, ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇଥିଲେ।

## ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧସଭା

**ଚୌଦ୍ୱାର, ୨୩।୪(ସମିସ):** ମହାନ୍ ଜନନାୟକ, ପ୍ରଖ୍ୟାତ ସାରସ୍ୱତ ସାଧକ, ପ୍ରଜ୍ଞାପୁରୁଷ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଆସାମର ପୂର୍ବତନ ରାଜ୍ୟପାଳ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ନବମ ଶ୍ରାଦ୍ଧସଭା ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ସଂସଦ ତରଫରୁ ଚୌଦ୍ୱାର ହିନ୍ଦ୍ ସେବକ ସଂଘ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସଂସଦ ସଭାପତି ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଚୌଦ୍ୱାର କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ମହାପାତ୍ର, ସଂସଦର ଉପସଭାପତି ରୋଟାରିଆନ୍ ଶରତ ଖୁଣ୍ଟିଆ, ବିଶିଷ୍ଟ ଶିକ୍ଷାବିତ୍ ରବୀନ୍ଦ୍ର ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ପ୍ରମୋଦ ନାୟକ, ଟାଙ୍ଗୀ-ଚୌଦ୍ୱାର ଓଷ୍ଟାର ସଭାପତି ଶିବପ୍ରସାଦ ପତି, ଅଧ୍ୟାପକ ଶରତ ଚନ୍ଦ୍ର ନାୟକ, ବିଜେପି ଜିଲ୍ଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ଉପସଭାପତି ପ୍ରଶାନ୍ତ ହୋତା, ଅକ୍ଷୟ ଭୂୟାଁ, ନଗର କଂଗ୍ରେସ ସଭାପତି ବିଜୟ ବେହେରା, ବାମପନ୍ଥୀ ନେତା ଶରତ ଚନ୍ଦ୍ର ସ୍ୱାଇଁ, ଲକ୍ଷ୍ମୀଧର ଖୁଣ୍ଟିଆ, ପ୍ରତାପ ଜେନା, ମୀନକେତନ ପଣ୍ଡା, ଲକ୍ଷ୍ମଣ ରାଉତ, ଚୌଦ୍ୱାର କଲେଜ ପୂର୍ବତନ ସଭାପତି ହରିହର ପରିଡ଼ା, ମହିଳା କଂଗ୍ରେସ ସଭାନେତ୍ରୀ ମୋନାଲିସା ଦାସ, ସୁବାସ ଚନ୍ଦ୍ର ଦଳାଇ, ଭାସ୍କର ପ୍ରସାଦ ମହାପାତ୍ର, କୃତ୍ତିବାସ ନାୟକ, ସୁବାସ ନାୟକ, ଅରୁଣ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପବିତ୍ର ମୋହନ ସାହୁ, ବିଶ୍ୱବିହାରୀ ସ୍ୱାଇଁ, କାହ୍ନୁଚରଣ ମହାନ୍ତି, ଅକ୍ଷୟ ପୃଷ୍ଟି, ପ୍ରଶାନ୍ତ ପରିଡ଼ା, ଅଜୟ ଦାସ, ରଞ୍ଜୀବ ପାଣିଗ୍ରାହୀ, ଦୁର୍ଯ୍ୟୋଧନ ବେହେରା, ଏସ୍‌କେ ସବିରଉଦ୍ଦିନ୍, ରଶ୍ମୀରଞ୍ଜନ ବେହେରା, ସୁବାସଚନ୍ଦ୍ର ସୁବୁଦ୍ଧିରାୟ, ଦୀପ୍ତେଶ୍ ଚନ୍ଦ୍ର ନାୟକ, ଦୀପକ ମଙ୍ଗରାଜ, ଐଶ୍ୱର୍ଯ୍ୟା ଦାସ, ଅନିତା ବଳସାମନ୍ତ, ପିଙ୍କି ବେହେରା, ଆଲୋକ ସାମଲ, ସଙ୍ଗୀତା ସ୍ୱାଇଁ, ରଞ୍ଜନ ରାଉତରାୟ, ରାଜକିଶୋର ସାମନ୍ତରାୟ, ସୁଶାନ୍ତ ଦାସ, ସଞ୍ଜୟ ଭୋଇ, ଅଂଶୁମାନ ପ୍ରଧାନ ଓ ପାର୍ଥସାରଥୀ ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ କରାଯିବା ପରେ ଆଶ୍ରମର ଅନ୍ତେବାସୀ ଛାତ୍ରଛାତ୍ରୀମାନେ ବେଦପାଠ ଓ ସମୂହ ପ୍ରାର୍ଥନା କରିଥିଲେ। ସଂସଦର ସାଂଗଠନିକ ସମ୍ପାଦକ ସାହିତ୍ୟିକ ଦିବ୍ୟଜ୍ୟୋତି ପାଣି ସଭା ପରିଚାଳନା କରିଥିବା ବେଳେ ଶେଷରେ ସାଧାରଣ ସମ୍ପାଦକ ଆଇନଜୀବୀ କୈଳାସଚନ୍ଦ୍ର ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।



### ନବପ୍ରଭାତ ଚ୍ୟାଲେଞ୍ଜ କପ୍ କ୍ରିକେଟ

## ଡିଡିଏଲ୍ ସାଲେପୁର ଚାମ୍ପିଅନ

**ମାହାଙ୍ଗା, ୨୩।୪(ସମିସ)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋତରା ପଞ୍ଚାୟତସ୍ଥ ସନରାଇଜ ଖସା ପଡ଼ିଆଠାରେ ରାଇଜିଂ ସ୍ପୋର୍ଟିଂ ୟୁଥ କ୍ଲବ ଆନୁକୂଲ୍ୟରେ ନବ ପ୍ରଭାତ ଚ୍ୟାଲେଞ୍ଜ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ଟି ଟିମ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଡିଡିଏଲ ସାଲେପୁର ଓ ଗଣେଶପୁର କ୍ରିକେଟ ଟିମ ମଧ୍ୟରେ ଖେଳ ହୋଇଥିଲା। ପ୍ରଥମେ ଡିଡିଏଲ ସାଲେପୁର ଟିମ ନିର୍ଦ୍ଧାରିତ ଓଭରରେ ତିନିଟି ୱିକେଟ ହରାଇ ୨୩୧ ରନ କରିଥିବାବେଳେ ଏହାର ଜବାବରେ ଗଣେଶପୁର କ୍ରିକେଟ ଟିମ ୮ଟି ୱିକେଟ ହରାଇ ୧୬୭ ରନ କରି ପରାଜୟ ବରଣ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନବପ୍ରଭାତ ଅନୁଷ୍ଠାନ ସମୁହର ଅଧ୍ୟକ୍ଷ ଇଂ ମାନଗୋବିନ୍ଦ ପଣ୍ଡା, ସମ୍ମାନୀତ ଅତିଥିଭାବେ ସମାଜସେବୀ ଚିତ୍ତରଞ୍ଜନ ମହାନ୍ତି, ସାମ୍ବାଦିକ ଲକ୍ଷ୍ମୀଧର ଖୁଣ୍ଟିଆ, ପିତାମାତା ସେବକ ସଂଘର ପ୍ରତିଷ୍ଠାତା ତଥା ସାମ୍ବାଦିକ ରମେଶ ଚନ୍ଦ୍ର ସାହୁ ଯୋଗଦେଇ ଖେଳର ବିଭିନ୍ନ ଦିଗ ଉପରେ ଆଲୋଚନା କରି ବିଜୟୀ, ରନର୍ସଅପ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଟିମକୁ ଟ୍ରଫି, ଅର୍ଥରାଶି ଓ ଚାରା ବଣ୍ଟନ କରିଥିଲେ। ପ୍ରତ୍ୟୁଷ ପ୍ରଧାନ ଓ ରମାକାନ୍ତ ବାରିକ ଖେଳ ପରିଚାଳନା କରିଥିବାବେଳେ ମନୋଜ ପ୍ରଧାନ, ପ୍ରହଲ୍ଲାଦ ବାରିକ, ଅଭିଷେକ ମାଢେଇ, ପ୍ରଦୀପ୍ତ ଭଦ୍ର, ଚିତରଞ୍ଜନ ବାରିକ, ଅମିତ ପ୍ରଧାନ, ଦେବାଶିଷ ନାୟକ, ଦିବ୍ୟଜ୍ୟୋତି ମଲିକଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।



## ଗ୍ରାମଦେବତୀଙ୍କ ଅଷ୍ଟପ୍ରହରୀ ଓ ଝାମୁଯାତ୍ରା



**ତିଗିରିଆ,୨୩।୪(ସମିସ):** ତିଗିରିଆ ବ୍ଲକ ନିଜିଗଡ ପଞ୍ଚାୟତ ଅନ୍ତର୍ଗତ ତିଗିରିଆ ନିଜିଗଡ ଗ୍ରାମର ଆରାଧ୍ୟା ତଥା ଗ୍ରାମଦେବତୀ ମା ପନ୍ଥାଦେବୀଙ୍କ ପୀଠରେ ରବିବାର ଠାରୁ ମଙ୍ଗଳବାର ଦୀର୍ଘ ୩ ଦିନ ଧରି ଅଷ୍ଟପ୍ରହରୀ ନାମଯଜ୍ଞ ଓ ମା'ଙ୍କ ପବିତ୍ର ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରବିବାର ବିଳମ୍ବିତ ରାତ୍ରୀରେ ମାଙ୍କ ବ୍ରତଧାରୀମାନେ ନିକଟସ୍ଥ ଗୁଣ୍ଡିଚା ପୋଖରୀରୁ କଳସୀ ଯୋଗେ ଜଳ ଉଠାଇ ମା'ଙ୍କ ଘଟ ପ୍ରତିଷ୍ଠା କରିବା ପରେ ବଡିଭୋର୍‌ରୁ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା । ଏଥିରେ ତିଗିରିଆ ବ୍ଲକର ନିଜିଗଡ, ନୂଆପାଟଣା, ବିନ୍ଧାଣିମା, ବଡନାଉପୁଟ ଓ ଖଣ୍ଡହତା ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇଥିଲା । ସେହିପରି ମଙ୍ଗଳବାର ଭୋର୍‌ରୁ ମନ୍ଦିରର ମୁଖ୍ୟ ପୂଜକ ରିତ ରଣା ମା'ଙ୍କ ସ୍ୱତନ୍ତ୍ର ବେଶ ସହ ସ୍ନାନ, ମାର୍ଜଣା, ବେଶ, ଗୋପାଳବଲ୍ଲଭ, ନଗର କୀର୍ତ୍ତନ, ଦ୍ୱିପ୍ରହର ଧୂପ, ସଂକୁଡି ଧୂପ, ଝାମୁମାଜଣା ଆଦି ନୀତିକାନ୍ତି ସଂପାଦିତ କରିବା ପରେ କାଳେଶୀ କିଶୋର ଚନ୍ଦ୍ର ରଣା, ପାଟକାଳେଶୀ ଦୁର୍ଗା ପ୍ରସାଦ ମହାପାତ୍ରଙ୍କ ତଦାରଖ କ୍ରମେ ବ୍ରତଧାରୀ ଶିରିଆ ବେହେରା, ଶତୃଘନ ପରିଡା ମା'ଙ୍କ ପୀଠ ପରିସରରେ ପ୍ରତିଷ୍ଠିତ ୭୦ ହାତ ଲମ୍ବ ବିଶିଷ୍ଟ ଝାମୁ ଚାଲିଥିଲେ । ଶ୍ରଦ୍ଧାଳୁମାନଙ୍କ ମନୋରଞ୍ଜନ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ନିଜିଗଡ ଗ୍ରାମର ଚିତରଞ୍ଜନ ମହାନ୍ତି, ଆଶିର୍ବାଦ ପଟ୍ଟନାୟକ, ବିମଳ ପ୍ରସାଦ ପଟ୍ଟନାୟକ, ଶରତ ଚନ୍ଦ୍ର ରଣା, ସୁଶିଳ ପଟ୍ଟନାୟକ, ଦୀପ୍ତି ରଞ୍ଜନ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା



**ବାଙ୍କୀ,୨୩।୪(ସମିସ):** ଆଜି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ କଲେଜ ଦୃଶ୍ୟ ଶ୍ରାବ ଗୃହଠାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଭାଗର ବରିଷ୍ଠ ଡେମନଷ୍ଟ୍ରେଟର ତଥା ପରୀକ୍ଷା ଉପନିୟନ୍ତ୍ରକ ବୃନ୍ଦାବନ ପ୍ରଧାନଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡକ୍ଟର ନିରଞ୍ଜନ ମହାନ୍ତି ଯୋଗଦାନ କରି ଶ୍ରୀ ପ୍ରଧାନଙ୍କୁ ଉପଢ଼ୌ÷କନ ଓ ପୁଷ୍ପଗୁଚ୍ଛ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଏହି ଉତ୍ସବରେ ବିଭାଗୀୟ ମୁଖ୍ୟ ଡକ୍ଟର ସରୋଜ ସାହୁ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପକ ନିରାକାର ସାମନ୍ତରାୟ, ଅଧ୍ୟାପିକା ଦେବସ୍ମିତା ରାଉତ, ଅଧ୍ୟାପକ ମନୋରଞ୍ଜନ ସାହୁ, ପ୍ରଶାନ୍ତ ତ୍ରିପାଠୀ ଓ ସତ୍ୟବ୍ରତ ଦାଶ ପ୍ରମୁଖ ଯୋଗଦାନ କରି ଶ୍ରୀ ପ୍ରଧାନଙ୍କ ଛାତ୍ର ବତ୍ସଳତା, କର୍ମଦକ୍ଷତା ଓ ପାଠପଢ଼ା ଶୈଳୀ ସଂପର୍କରେ ଆଲୋକପାତ କରିଥିଲେ ।

## ପାଣିଚିରି ପକ୍ଷୀଙ୍କ ସୁରକ୍ଷା ପାଇଁ ସଚେତନତା



**ଆଠଗଡ଼,୨୩।୪(ସମିସ):** ପାଣିଚିରିର ପକ୍ଷୀ ସୁରକ୍ଷା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ କଖଡି ସରକାରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଠଗଡ଼ ସହକାରୀ ବନ ସଂରକ୍ଷକ ଡ଼ା ଚିଚଲଚି ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦେଶୀ ପକ୍ଷୀର ସୁରକ୍ଷା ସହିତ ଏଥିପାଇଁ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଶ୍ୱେତକାନ୍ତ ବେହେରା ମୁଖ୍ୟବକ୍ତା ଭାବରେ ଯୋଗଦେଇ ବିଦ୍ୟାଳୟସ୍ତରରେ ଏହି ସଚେତନତା ଜରୁରୀ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଖଡି ଗ୍ରାମ କମିଟି ସମ୍ପାଦକ ସନ୍ତୋଷ ବେଦାନ୍ତ, ବିଦ୍ୟାଳୟର ପ୍ରଧାନଶିକ୍ଷକ ରଣଜିତ ନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ । ବରିଷ୍ଠ ଶିକ୍ଷକ ସୁକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ ।

## ବଣୁଆ ମହାପୁରୁଷ ପୀଠରେ ଭାଗବତ ଗୀତାଯଜ୍ଞ

**ମାହାଙ୍ଗା,୨୩।୪(ସମିସ):** ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଗଙ୍ଗପୁରା ବଣୁଆ ମହାପୁରୁଷ ପୀଠସ୍ଥଳରେ ବିଶ୍ୱଶାନ୍ତି ଜନକଲ୍ୟାଣ ନିମନ୍ତେ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେଉଥିବା ଗୀତା ମହାଯଜ୍ଞ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ପ୍ରତିଷ୍ଠିତ ପଣ୍ଡିତ କାଳନ୍ଦୀ ମିଶ୍ର, ସ୍ମୃତିରଞ୍ଜନ ମିଶ୍ର, ଅଧିର ପତି, ଦିଲୀପ ଦାସ ପ୍ରମୁଖଙ୍କ ଦ୍ୱାରା ପ୍ରତ୍ୟହ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଏଥିରେ କର୍ତ୍ତା ଭାବେ ଗୋବିନ୍ଦ ଚନ୍ଦ୍ର ମହାନ୍ତି ପୂଜା କାର୍ଯ୍ୟ ସଂପାଦନ କରିଥିଲେ । ପ୍ରତ୍ୟେହ ସନ୍ଧ୍ୟାରେ ଯଜ୍ଞସ୍ଥଳରେ ଭଜନ କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଯଜ୍ଞ କମିଟିର ସମସ୍ତ କର୍ମକର୍ତ୍ତା ଏବଂ ଗଙ୍ଗପୁରା, ଜଳେଶ୍ୱରପୁର, ଅଳିଯୋଡା, ପଶୁଲୁଣ୍ଡା, କାହ୍ନପୁର ଗ୍ରାମବାସୀମାନେ ଯଜ୍ଞକାର୍ଯ୍ୟରେ ସହଯୋଗ କରିଥିଲେ । ମଙ୍ଗଳବାର ପୁର୍ଣ୍ଣାହୂତି ପ୍ରଦାନ କରାଯାଇଥିବାବେଳେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ ।

### ବଡମ୍ବା ବିଧାନସଭା କ୍ଷେତ୍ର

# ଅଭିଜ୍ଞ ଦେବୀଙ୍କୁ ସୁହାଇବ ବିଜେପି କନ୍ଦଳ

**କଟକ/ନରସିଂହପୁର,୨୩।୪(ସମିସ):** କଟକ ଜିଲ୍ଲାର ଏକ ସମ୍ମାନଜନକ ନିର୍ବାଚନମଣ୍ଡଳୀ ହେଉଛି ବଡମ୍ବା ବିଧାନସଭା ଆସନ । ଏହି ନିର୍ବାଚନ ମଣ୍ଡଳୀରେ ତିନି ଦଳ ପ୍ରାର୍ଥୀ ଦେଇ ପ୍ରଚାର ମଇଦାନକୁ ଓହ୍ଲାଇ ସାରିଛନ୍ତି । ଏହି ନିର୍ବାଚନ ମଣ୍ଡଳୀରେ ଏଥର ବିଜେଡିରୁ ପ୍ରାର୍ଥୀ ହୋଇଥିବା ଅଭିଜ୍ଞ ତଥା ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ସପ୍ତମ ଥର ପାଇଁ ବିଜୟ ଲକ୍ଷ୍ୟରେ ରହିଛନ୍ତି । କାରଣ ବିଜେପିରେ ଦେଖାଦେଇଥିବା ଗୋଷ୍ଠୀ କନ୍ଦଳରୁ ଫାଇଦା ନେବା ଲକ୍ଷ୍ୟରେ ଅଛନ୍ତି ବିଜେଡି ଓ କଂଗ୍ରେସ ପ୍ରାର୍ଥୀ । ବିଜେପିରୁ ଟିକଟ ନ ପାଇ ନିରାଶ ହୋଇଥିବା ବିଜୟ ଦଳବେହେରାଙ୍କ ନିଷ୍ପତ୍ତି ଆଗାମୀ ଦିନରେ ନିର୍ଣ୍ଣାୟକ ହେବ ବୋଲି ଆଲୋଚନା ହେଉଛି । ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢିବେ ବୋଲି କୁହାଯାଉଛି । ଯାହାକି ବଡମ୍ବା ନରସିଂହପୁରରେ ବିଜେପି ପାଇଁ ଏକ ବିଦ୍ରୋହ ସ୍ଥିତି ହୋଇପାରେ ।

**ସ୍ୱାଧୀନ ଲଢ଼ିବେ ବିଜୟ ଦଳବେହେରା !**

ଗତ ୨୦୧୯ ବିଧାନସଭା ନିର୍ବାଚନରେ ବିଜୟ ଦଳ ବେହେରା ବିଜେପି ପ୍ରାର୍ଥୀ ଭାବେ ୭୨ ହଜାରରୁ ଉର୍ଦ୍ଧ୍ୱ ଭୋଟ ପାଇ ହାରିଯାଇଥିଲେ । ଦଳ ତାଙ୍କ ଟିକଟର





ପୁନଃବିଚାର ନ କଲେ ସେ ସ୍ୱାଧୀନ ଭାବେ ଲଢେଇରେ ଅବତୀର୍ଣ୍ଣ ହେବେ । ଏଥର ଏଠାରେ ବିଜୟଙ୍କୁ ଟିକଟ ନ ଦେଇ ବିଜେପି ସମ୍ବିତ ତ୍ରିପାଠୀଙ୍କୁ ପ୍ରାର୍ଥୀ ଘୋଷଣା କରିଛି । ଅନ୍ୟପଟେ କୃଷକ ନେତା ବିଚିତ୍ରାନନ୍ଦ ପଣ୍ଡା ମଧ୍ୟ ବିଜୟଙ୍କୁ ସମର୍ଥନ କରିବେ ବୋଲି କହିଛନ୍ତି । ବିଜେପିର ଗୋଷ୍ଠୀ ବିବାଦ ଏଠାରେ ବିଜେଡିର ଦେବୀ ମିଶ୍ର ଓ କଂଗ୍ରେସର ସଞ୍ଜୟ ସାହୁଙ୍କୁ ବିଶେଷ ସହାୟକ ହେବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି । ଗତ ୧୯୯୫ରୁ ୨୦୧୯ ପର୍ଯ୍ୟନ୍ତ ୬ଟି ନିର୍ବାଚନରେ ବଡମ୍ବା ବିଧାନସଭା ଆସନରୁ କ୍ରମାଗତ ଭାବେ ଜିତିଆସୁଥିବା ଦେବୀ ପ୍ରସାଦ ମିଶ୍ର ଏଥର ସପ୍ତମ ଥର ପାଇଁ ଭାଗ୍ୟ ପରୀକ୍ଷା କରିବେ । ୧୯୯୫ରେ ଜନତା ଦଳ ପ୍ରାର୍ଥୀ ହୋଇ ଦେବୀ ବିଜୟ ଲାଭ କରିଥିବା ବେଳେ ୨୦୦୦, ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ରେ ବିଜେଡି ପ୍ରାର୍ଥୀ ଭାବେ ଜିତିଥିଲେ ।

**୨୦୧୯ ନିର୍ବାଚନ ଫଳାଫଳ**

| | |
|---|---|
| ଦେବୀ ପ୍ରସାଦ ମିଶ୍ର(ବିଜେଡି) | ୯୦୫୬୪(୫୨.୦୮ ପ୍ରତିଶତ)ଭୋଟ |
| ବିଜୟ କୁମାର ଦଳ ବେହେରା(ବିଜେପି) | ୭୨୫୪୫(୪୧.୭୨ପ୍ରତିଶତ)ଭୋଟ |
| ବବି ମହାନ୍ତି(କଂଗ୍ରେସ) | ୬୨୨୪(୩.୫୮ ପ୍ରତିଶତ)ଭୋଟ |

## ପୂର୍ବ ଶତ୍ରୁତାରୁ ଘରପୋଡ଼ି ଅଭିଯୋଗ

**ମାହାଙ୍ଗା,୨୩।୪(ସମିସ):** ମାହାଙ୍ଗା ଥାନା ଅନ୍ତର୍ଗତ ନୁର୍ତାଙ୍ଗ ପଞ୍ଚାୟତସ୍ଥିତ ନୁର୍ତାଙ୍ଗ ଗ୍ରାମର ତିନି ନଂ ୱାର୍ଡରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଜଳିଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ପ୍ରକାଶ ଯେ ଗତ ୩ ତାରିଖରେ ଅଶୋକ ଦାସ ଓ ଅକ୍ଷୟ ଦାସଙ୍କ ପରିବାର ମଧ୍ୟରେ ଝଗଡା ହୋଇଥିଲା । ଏ ନେଇ ଅକ୍ଷୟ ଅଶୋକଙ୍କ ପତ୍ନୀ ଜ୍ୟୋସ୍ନାରାଣୀଙ୍କୁ ଆକ୍ରମଣ କରି ତାଙ୍କର ବାମ ହାତକୁ ଭାଙ୍ଗି ଦେଇଥିଲେ । ଯାହାକୁ ନେଇ ଜ୍ୟୋସ୍ନାରାଣୀ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଗତକାଲି ୨୨ ତାରିଖ ଅପରାହ୍ନ ୪ଟା ସମୟରେ ଅକ୍ଷୟ ଅଶୋକଙ୍କ ପରିବାରକୁ ଗାଳିଗୁଲଜ କରିବା ସହ ଘରେ ନିଆଁ ଲଗାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା । ଅଶୋକର ପରିବାର ଲୋକ ଖାଇ ପିଇ ଶୋଇଥିବା ସମୟରେ ବିଳମ୍ବିତ ରାତି ପ୍ରାୟ ୩ଟା ସମୟରେ ଅକ୍ଷୟ ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା ନେଇ ଜ୍ୟୋସ୍ନାରାଣୀ ମାହାଙ୍ଗା ଥାନାରେ ଅଭିଯୋଗ କରିଥିଲେ । ଏହି ଅଗ୍ନିକାଣ୍ଡରେ ଅଶୋକ ଏବଂ ତାଙ୍କ ସାନଭାଇ ନାରାୟଣଙ୍କ ଘରର ସମସ୍ତ ଆସବାବାପତ୍ର, ନଗଦ ଅର୍ଥରାଶି ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି । ଏଠାରେ ସୂଚନା ଥାଉ କି ଉଭୟ ପରିବାର ମଧ୍ୟରେ ପୂର୍ବରୁ ଘଟିଥିବା ଗଣ୍ଡଗୋଳରେ ମାହାଙ୍ଗା ପୁଲିସ ପକ୍ଷରୁ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇଥିଲା । ତେବେ ଜ୍ୟୋସ୍ନାରାଣୀଙ୍କ ଘର ପୋଡି ଅଭିଯୋଗକୁ ଭିତ୍ତି କରି ପୁଲିସ ତଦନ୍ତ ଚଳାଇଥିବା ଜଣାଯାଇଛି ।



## ବାଙ୍କୀର ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ



**ବାଙ୍କୀ,୨୩।୪(ସମିସ):** ଆଜି ବାଙ୍କୀର ୩ଟି ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଶ୍ରୀଚନ୍ଦନପୁର ଗ୍ରାମରେ ସକାଳ ୧୦.୩୦ମିନିଟ୍ ସମୟରେ ଅଗ୍ନିକାଣ୍ଡ ଘଟି ୨ଟି ପାଳଗଦା, ବାଉଁଶବୁଦା, ଆମ୍ବ ଓ ଶାଗୁଆନ ଗଛ ଥିବା ବଗି. କ୍ଷତିଗ୍ରସ୍ତ ହୋଇଛି । ସେହିପରି ଡମପଡ଼ା ବ୍ଲକ ହରିରାଜପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୨ଏକର ଘାସ .ଷ ଜମିରେ ନିଆଁ ଲାଗିଥିଲା । ସେହିପରି ଡମପଡ଼ା ବ୍ଲକ ରଗଡି ଗ୍ରାମସ୍ଥ ଛକରେ ଥିବା ଏକ . ଓ ଭେରାଇଟି ଷ୍ଟୋର ଦୋକାନରେ ଏଲ୍‌ପିଜି ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗି ଯାଇଥିଲା । ବାଙ୍କୀ ଅଗ୍ନିଶମ ଅଧିକାରୀ ପ୍ରଫୁଲ୍ଲ କୁମାର ଓଝାଙ୍କ ନେତୃତ୍ୱରେ ଦମକଳ କେନ୍ଦ୍ରର କର୍ମ.ରୀମାନେ ଦୁଃସାହାସିକ ପଦକ୍ଷେପ ନେଇ ନିଆଁକୁ ଆୟତ କରିଥିଲେ । ରଗଡ଼ିସ୍ଥ କ୍ୟାବିନରେ ଥିବା ସମସ୍ତ ଜିନିଷ ପୋଡି ନଷ୍ଟ ହୋଇଯାଇଥିଲା ।

## ବାଙ୍କୀ ଉପଖଣ୍ଡରେ ନିର୍ବାଚନ ଅଧିକାରୀଙ୍କ ତାଲିମ୍ ଶିବିର

**ବାଙ୍କୀ,୨୩।୪(ସମିସ):** ବାଙ୍କୀ ଉପଖଣ୍ଡରେ ନିର୍ବାଚନ ମଣ୍ଡଳୀସ୍ତରୀୟ ତାଲିମ ଶିବିର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଆୟୋଜିତ ହୋଇଯାଇଛି । ଏହି ତାଲିମ ଶିବିରରେ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ବିଭିନ୍ନ ପୁଲିଂ ଅଧିକାରୀଙ୍କୁ ଆସନ୍ତା ସାଧାରଣ ନିର୍ବାଚନ ୨୦୨୪ ସମ୍ବନ୍ଧରେ ତାଲିମ୍ ପ୍ରଦାନ କରାଯାଇଛି । ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ନିର୍ଭୁଲ୍ ଭାବେ ପରିଚାଳନା କରିବା ନେଇ ନିୟୋଜିତ ଅଧିକାରୀଙ୍କ ଗୁରୁତ୍ୱକୁ ନଜର ରଖି ତାଲିମ୍ ଶିବିରର ଆୟୋଜନ କରାଯାଇଛି । ଏହି ତାଲିମ୍ ଶିବିର ୨୩ ଏପ୍ରିଲ୍ ୨୦୨୪ ଠାରୁ ଆରମ୍ଭ ହୋଇ ଆସନ୍ତା ୨୬ ଏପ୍ରିଲ୍ ୨୦୨୪ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଆଜି ପ୍ରଥମ ଦିନରେ ନିର୍ବାଚନରେ ନିୟୋଜିତ ୧୬୧ଜଣ ଅଧିକାରୀଙ୍କୁ ବାଙ୍କୀ ଉପଖଣ୍ଡର ବିଭିନ୍ନ ସ୍ଥାନରେ ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା । ବାଙ୍କୀ ତହସିଲଦାର ଅଶେଷ ନାୟକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କ ତତ୍ତ୍ୱବଧାନରେ ୫୮ ଜଣ ଅଧିକାରୀ, ଡମପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଡମପଡ଼ା ବ୍ଲକ ବିଡିଓ ଅଂଶୁମାନ ଦାଶ ଓ ସହକାରୀ ଜିଲ୍ଲାପାଳ ପର୍ଶୁରାମ ମଲ୍ଲିକଙ୍କ ତତ୍ତ୍ୱବଧାନରେ ୫୮ ଜଣ ଅଧିକାରୀ ଏବଂ ବାଙ୍କୀ ଉପଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଡମପଡ଼ା ତହସିଲଦାର ସୂଚିସ୍ମିତା ଦାଶଙ୍କ ତତ୍ତ୍ୱବଧାନରେ ୪୫ ଜଣ ଅଧିକାରୀଙ୍କୁ ତାଲିମ୍ ପ୍ରଦାନ କରାଯାଇଛି ।



## ମୂଳବସନ୍ତ ବିଜେଡିର ମିଶ୍ରଣ ପର୍ବ



**ମାହାଙ୍ଗା,୨୩।୪(ସମିସ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ମୂଳବସନ୍ତ ପଞ୍ଚାୟତର ବହୁ ବିଜେପି ଓ କଂଗ୍ରେସ କର୍ମୀ ଦଳ ପରିତ୍ୟାଗ କରି ବିଜେଡି ଦଳରେ ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟାନାୟକଙ୍କ ସ୍ୱଚ୍ଛ ନିର୍ମଳ ଶାସନ ଓ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ମାହାଙ୍ଗାରେ ହେଉଥିବା ବିକାଶମୂଳକ କାର୍ଯ୍ୟ ଏବଂ ଦୃଢ ସଂଗଠନରେ ଅନୁପ୍ରାଣିତ ହୋଇ ମୂଳବସନ୍ତ ପଞ୍ଚାୟତର ୨୫ରୁ ଉର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ କୁଆଁପାଳ ଅଳିଯୋଡାସ୍ଥିତ ବିଧାୟକ ଶ୍ରୀ ଜେନାଙ୍କ ଉପସ୍ଥିତିରେ ବିଜେଡି ଦଳରେ ଯୋଗଦାନ କରିଛନ୍ତି । ଏହି ଅବସରରେ ବିଧାୟକ ଶ୍ରୀ ଜେନା ନୂତନ ଭାବେ ଯୋଗଦେଇଥିବା କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗଚ୍ଛ ଦେଇ ସ୍ୱାଗତ କରିଥିଲେ । ଉକ୍ତ କାର୍ଯ୍ୟରେ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ କର, ପଞ୍ଚାୟତ ପର୍ଯ୍ୟବେକ୍ଷକ ଲକ୍ଷ୍ମଣ ପାତ୍ରଧ, ଯୁବ ସଂଗଠକ ଶ୍ରୀନିବାସ ରାଉତରାୟ, ପଞ୍ଚାୟତ ବିଜେଡି ସଭାପତି ବଟକୃଷ୍ଣ ଦାଶ, ଦୀପକ ଦାଶ, ରଞ୍ଜନ ସାମଲ, ପଞ୍ଚାନନ ପଣ୍ଡା, ସତ୍ୟବାନ ସାହୁ, ସୌମେନ୍ଦ୍ର କର, ହରିହର ବିଶ୍ୱାଳ, ଅଶୋକ ପରମାଣିକ, ଅଜୟ ରାଉତ, ସନ୍ତୋଷ ରାଉତରାୟ, ଚିତରଞ୍ଜନ ପଣ୍ଡା, ଦେବୀପ୍ରସାଦ ପଲେଇ, କ୍ଷମାସାଗର ଦାସ, ଦଶରଥ ବିଶ୍ୱାଳ, ବିଶ୍ୱରଞ୍ଜନ ସେଠୀ, ସଞ୍ଜୀବ ପଣ୍ଡା, ଶ୍ରୀମରା ସାହୁ, ବିଜୟ ରାଉତରାୟ, ଦିଲୀପ କର, ରବୀନ୍ଦ୍ର ସାହୁଙ୍କ ସମେତ ବହୁ ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

## କାଇଜେନର ଚତୁର୍ଥ ପ୍ରତିଷ୍ଠା ଦିବସ

**ନରସିଂହପୁର,୨୩।୪(ସମିସ):** କାନପୁର ଥାନା ଅଧୀନ ବାଗଧରିଆ ସ୍ଥିତ କାଇଜେନ ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଜ୍ଞାନ ଆବାସିକ ଶିକ୍ଷା କେନ୍ଦ୍ରର ଚତୁର୍ଥ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବର୍ଣ୍ଣାଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ଜିଲ୍ଲାର ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ମିଶ୍ର, ସାଗର ସରପଞ୍ଚ ବିନୋଦ ପଣ୍ଡା, ସଂସ୍କୃତ ଅଧ୍ୟାପକ ସାରଦାପ୍ରସନ୍ନ ଦାସ, ଶିକ୍ଷାବିତ ବିଜୟ ଭୂୟାଁ, ଓଡିଶା ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରା, କାଇଜେନ କଲେଜର ପ୍ରତିଷ୍ଠାତା ଚିତ୍ତରଞ୍ଜନ ଭୂୟାଁ ଉପସ୍ଥିତ ରହିଥିଲେ । ଶେଷରେ କାଇଜେନ ଶିକ୍ଷା କେନ୍ଦ୍ରର ମୁଖ୍ୟ ପରିଚାଳକ ଚିତ୍ତରଞ୍ଜନ ଭୂୟାଁ ଧନ୍ୟବାଦ ଦେଇଥିଲେ । ପରେ କଲେଜର ଛାତ୍ରଛାତ୍ରୀଙ୍କୁ ନେଇ ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି ଓ ସାଗରିକା ମିଶ୍ର ଉପସ୍ଥିତ ରହି ସଙ୍ଗୀତ ପରିବେଷଣ କରିଥିଲେ ।



# ଆଜିଠାରୁ ମା'ହାଡ଼ବାଇଙ୍କ ଯାତ୍ରା

**ଫୁଲନଖରା,୨୩।୪(ସମିସ)**

କଟକ ସଦର ଥାନା ଅନ୍ତର୍ଗତ କଟକ ମହାନଗର ନିଗମ ୫୮ନଂ ୱାର୍ଡସ୍ଥିତ ନୂଆଗଡ ଗ୍ରାମର ପରମ ବୈଷ୍ଣବୀ ମା' ହାଡବାଇଙ୍କ ପୀଠରେ ଆସନ୍ତା ୨୪ରୁ ୪ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମା' ହାଡବାଇ ଯାତ୍ରା ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ନୂଆଗଡ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ବିକ୍ରମ କେଶରୀ ଶତପଥିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ସମ୍ପାଦକ ସନ୍ତୋଷ କୁମାର ସାମନ୍ତରାୟ ଯାତ୍ରା ମହୋତ୍ସବର ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ସହ ଯାତ୍ରାକୁ ଶୃଙ୍ଖଳିତ କରିବାରେ ଯୁବଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ବରିଷ୍ଠ ପରାମର୍ଶଦାତା ପୀତବାସ ମହାପାତ୍ର ଓ ଲକ୍ଷ୍ମୀଧର ବେଉରା ନିଶାମୁକ୍ତ ଭାବରେ ଉତ୍ସବଟିକୁ ପାଳନ କରିବା ପାଇଁ ଯୁବଗୋଷ୍ଠୀଙ୍କୁ ପରାମର୍ଶ ଦେଇଥିଲେ । ବରିଷ୍ଠ ନାଗରିକ ପ୍ରସନ୍ନ ସାହୁ, କେଦାରନାଥ ସିଂ, କାର୍ଯ୍ୟକାରୀ ସଭାପତି ତ୍ରୈଲୋକ୍ୟ ପ୍ରଧାନ ଓ ଯାତ୍ରା କମିଟିର ଅଧ୍ୟକ୍ଷ ଶିଶିର କୁମାର ରାଉତରାୟ ପ୍ରମୁଖ ଯୋଗଦେଇ ଗ୍ରାମର ସୁନାମକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜନଗହଳିକୁ ଆଖି ଆଗରେ ରଖି କୌଣସି ଅପ୍ରୀତିକର ପରସ୍ଥିତିକୁ ନଜରରେ ଆଣିବା ପାଇଁ ସମ୍ପୂର୍ଣ୍ଣ ପଡିଆରେ ୪୦ଟି ସିସି କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେହ ସଂଧ୍ୟାରେ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଗ୍ରାମର ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ନିକଟସ୍ଥ ବିଦ୍ୟାଳୟ ଗୁଡିକର ଗତ ମେଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ପ୍ରାପ୍ତାଙ୍କ ରଖିଥିବା ଛାତ୍ରଛାତ୍ରୀଙ୍କୁ ୩ ହଜାର ଆର୍ଥିକ ପ୍ରୋତ୍ସାହନ ରାଶି ସହ ପ୍ରଶଂସା ପତ୍ର ପ୍ରଦାନ କରାଯିବ । ଏତଦ୍ ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କ ସହ ଶିଳ୍ପଦ୍ୟୋଗୀ, ଯନ୍ତ୍ରୀ ଓ ସୁନାମଧନ୍ୟ ଡାକ୍ତର କୃପାସିନ୍ଧୁ ପଣ୍ଡାଙ୍କୁ ସମ୍ମାନୀତ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ କମିଟି ତରଫରୁ ଶ୍ରୀ ଶତପଥି ପ୍ରକାଶ କରିଥିଲେ ।




- ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ କାର୍ଯ୍ୟକ୍ରମ
- ୪୦ଟି ସିସି କ୍ୟାମେରା ନଜରରେ ରହିବ ଯାତ୍ରାସ୍ଥଳ

# ଆଠଗଡ଼ ବିଜେଡିର ମିଶ୍ରଣ ପର୍ବ

### ବିଜେଡିରେ ମିଶିଲେ କଂଗ୍ରେସ ଓ ବିଜେପି କର୍ମୀ

**ତିଗିରିଆ,୨୩।୪(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ତଥା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନୀତିରେ ଅନୁପ୍ରାଣିତ ହୋଇ ଆଜି ତିଗିରିଆ ବ୍ଲକ ଜେମାଦେଇପୁର ପଞ୍ଚାୟତ ଅଧୀନ ବାସୁଦେଇପୁର ଗ୍ରାମର ୩୦ରୁ ଉର୍ଦ୍ଧ୍ୱ କଂଗ୍ରେସ ଓ ବିଜେପି ସମର୍ଥକ ଯୁବକ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ରାଜ୍ୟ କୃଷି କୃଷକ ସଶକ୍ତିକରଣ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ ତିଗିରିଆ ନିଜିଗଡସ୍ଥିତ ବିଜେଡି କାର୍ଯ୍ୟାଳୟରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ସୂଚନା ମୁତାବକ ତିଗିରିଆ ବ୍ଲକ ଜେମାଦେଇପୁର ପଞ୍ଚାୟତ ଅଧୀନ ବାସୁଦେଇପୁର ଗ୍ରାମର ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ନିଲୁ ରାଉତ, ଶିବୁ ପ୍ରଧାନ, ଆଦିଆ ପ୍ରଧାନ, ଚନ୍ଦନ ପ୍ରଧାନ, ଜଗା ପ୍ରଧାନ, ଟିଲୁ ରାଉତ, ବୁଲୁ ରାଉତ, ବବୁଲ ପ୍ରଧାନ, କାଲୁ ପ୍ରଧାନ ଆଦି ୩୦ରୁ ଉର୍ଦ୍ଧ୍ୱ କଂଗ୍ରେସ ଓ ବିଜେପି ସମର୍ଥକ ଆଜି ତିଗିରିଆ ନିଜିଗଡସ୍ଥିତ ବିଜେଡି କାର୍ଯ୍ୟାଳୟରେ ବିଜେଡିରେ ମିଶିବା ସହ ଆସନ୍ତା ସାଧାରଣ ନିର୍ବାଚନରେ ଯୋଡା ଶଙ୍ଖରେ ଭୋଟ ଦେବା ପାଇଁ ଶପଥ ପାଠ କରିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗିରଥି ନନ୍ଦ, ଉପାଧ୍ୟକ୍ଷ ମାନସ ସାହୁ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲୀକ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟା ସସ୍ମିତା ରାଉତ, ବ୍ଲକ ବିଜେଡି ସଭାପତି ଅଜିତ୍ ଧିର ପ୍ରମୁଖ ଉପସ୍ଥିତ ଥିଲେ । ମନ୍ତ୍ରୀ ଶ୍ରୀ ସ୍ୱାଇଁ ନବାଗତଙ୍କୁ ଦଳୀୟ ପତାକା ସହ ମିଷ୍ଟାନ୍ନ ଦେଇ ସେମାନଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ ।



